## ଆଜି କାନ୍ତକବିଙ୍କ ଜୟନ୍ତୀ

# ତିହିଡି ବଜାରରେ ନାହିଁ ଲକ୍ଷ୍ମୀକାନ୍ତଙ୍କ ପ୍ରତିମୂର୍ତ୍ତି

ତିହିଡି, ୮ ।୧୨(ସମିସ)

ଓଡ଼ିଶାର ଯଶସ୍ୱୀ ସାରସ୍ୱତ ସାଧକ, ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ ସହଯୋଗୀ ସର୍ବୋପରି କାଳଜୟୀ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ସମାରୋହ ସୋମବାର ତାଙ୍କ ପୈତୃକ ଗ୍ରାମ ତିହିଡି ବ୍ଲକ ଅନ୍ତର୍ଗତ ତାଳପଦା ଠାରେ ପାଳନ କରାଯାଉଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ଅନ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବିଗତ ସରକାର ବେଳେ ତାଳପଦା ଠାରେ



କବିଙ୍କ ସ୍ମୃତିମନ୍ଦିର ନିର୍ମାଣ ଓ ସମାଧି ପୀଠର ଉନ୍ନତିକରଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରାଯାଇଛି । ତେବେ ତିହିଡ଼ି ବଜାରରେ କାନ୍ତକବିଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିଲେ ବର୍ତ୍ତମାନର ପିଢ଼ି କବିଙ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରିବା ସହିତ ନିଜ ଅଞ୍ଚଳର ଏଭଳି ଜଣେ ପ୍ରଖ୍ୟାତ ସାରସ୍ୱତ ସାଧକଙ୍କୁ ନେଇ ଗର୍ବ ଅନୁଭବ କରିପାରନ୍ତେ । ଅନ୍ୟପକ୍ଷେ ତିହିଡ଼ି ପୁରୁଣାହାଟ ଠାରୁ ମୁକୁନ୍ଦପୁର, ତାଳପଦା ଦେଇ ଦୋଳସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟିକୁ କାନ୍ତକବିଙ୍କ ନାମରେ ନାମିତ କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିବା ବେଳେ ତାହା ଏଯାବତ କାର୍ଯ୍ୟକାରୀ ହୋଇନଥିବାରୁ ବହୁ କାନ୍ତପ୍ରେମୀ ଏଥିନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେହିପରି ଓଡ଼ିଶାର ଅନ୍ୟ ବରପୁତ୍ରମାନଙ୍କ ଭଳି ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବକୁ ତାଙ୍କ ପୈତୃକ ଗ୍ରାମରେ କରାଯିବା ସହ ରାଜଧାନୀ ଭୁବନେଶ୍ୱରରେ ପାଳନ କରିବାର ବ୍ୟବସ୍ଥା କରାଗଲେ ଏଭଳି ଜଣେ ଅମ୍ଳାନ ପ୍ରତିଭାଙ୍କ କୃତି ଓ କୃତିତ୍ୱର ବାର୍ତ୍ତା ରାଜ୍ୟର କୋଣ ଅନୁକୋଣକୁ ପ୍ରସାରିତ ହୋଇପାରନ୍ତା ବୋଲି ତିହିଡ଼ିରେ ସାହିତ୍ୟ ପ୍ରେମୀମାନେ ମତପ୍ରକାଶ କରିଛନ୍ତି ।

## ବନ୍ଦେ ଉତ୍କଳ ସଙ୍ଗଠନର ବୈଠକ

ଭଣ୍ଡାରିପୋଖରୀ, ୮ ।୧୨(ସମିସ): ଭଣ୍ଡାରିପୋଖରୀର 'ବନ୍ଦେ ଉତ୍କଳ ସାମାଜିକ ସଙ୍ଗଠନ' ସ୍ଥାନୀୟ ପ୍ରତିଭାଙ୍କୁ ନେଇ ଆଗକୁ ଯିବ । ଆଗାମୀ ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହାର ବାର୍ଷିକ ଉତ୍ସବରେ ସମସ୍ତ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହ ସଙ୍ଗଠନକୁ ବିସ୍ତାରିତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସମାଜସେବୀ ସଞ୍ଜିବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଉଦ୍ୟୋଗପତି, ସମାଜସେବୀ ତଥା ଭୁବନେଶ୍ୱର ମହାନଗର ନିଗମର ପ୍ରାକ୍ତନ ପାରିଷଦ ପ୍ରଦ୍ୟୁମ୍ନ କୁମାର ଜେନା, ସମାଜସେବୀ ସୁଧାଂଶୁ ଶେଖର ନାୟକ, ସମାଜସେବୀ ଅନନ୍ତ ତ୍ରିପାଠୀ, ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭାରତ ଚନ୍ଦ୍ର କରଣ, ସମାଜସେବୀ ତପସ୍ୱିନୀ ମହାପାତ୍ର ଭଣ୍ଡାରିପୋଖରୀ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ବିକାଶ ଦିଗରେ ଏହି ସଙ୍ଗଠନ ନିରନ୍ତର ଉଦ୍ୟମ କରିବ ବୋଲି ସୂଚନା ଦେଇଥିଲେ । ଶ୍ରୀକାନ୍ତ ପାତ୍ର, ସରୋଜ ସ୍ୱାଇଁ, ଉପେନ୍ଦ୍ର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ

ବାରିକପୁର, ୮ ।୧୨(ସମିସ): ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମବାର୍ଷିକ ଓ ଶ୍ରୀଶ୍ରୀ ବଡ଼ଦାଙ୍କର ୫୨ତମ ଶୁଭ ପଦାର୍ପଣ ବାର୍ଷିକୀ ସ୍ମୃତି ଜନ୍ମ ମହୋତ୍ସବ ଭଣ୍ଡାରିପୋଖରୀ କହରାପୋଖରୀ ସତ୍‌ସଙ୍ଗ ବିହାରଠାରେ ପାଳିତ ହୋଇଯାଇଛି । ଧରଣୀଧର ସ୍ୱାଇଁଙ୍କ ସଂଯୋଜନାରେ ପ୍ରଭାତରୁ ବେଦନହବତ, ପ୍ରଭାତ ଯାମିନୀ, ବିନତି ପ୍ରାର୍ଥନା ଓ ସଦଗ୍ରନ୍ଥ ଆଦି ପାଠ ଅନୁଷ୍ଠିତ ହୋଇଥିଲା । ଏହାଛଡା ଭକ୍ତି ସଙ୍ଗୀତ ସହିତ ସତ୍‌ସଙ୍ଗ ଓ



ନାମ ସଂକୀର୍ତ୍ତନ ଆୟୋଜନ ହୋଇଥିଲା । ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଧ୍ୟାତ୍ମିକମୟ ଜୀବନ ଓ ବଡଦାଙ୍କର ପବିତ୍ର ତୀର୍ଥଭୂମି ଭଣ୍ଡାରିପୋଖରୀ ଆଗମନ ସମ୍ପର୍କରେ ବହୁ ବକ୍ତା ଉଚ୍ଚକୋଟିର ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଉତ୍ସବରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷା ସୁମତୀ ସେଠୀ, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଗୋକୁଳାନନ୍ଦ ସ୍ୱାଇଁ, ବିନାୟକ ମହାପାତ୍ର, ପ୍ରତାପ ନାୟକ ପ୍ରଦୀପ ଲେଙ୍କା, ଗୌରାଙ୍ଗ ରଣା, ମାଧବ ଲେଙ୍କା, ନୀଳଚକ୍ର ପଣ୍ଡା, ସନ୍ତୋଷ ପଲେଇ, ରମେଶ ଚନ୍ଦ୍ର ନନ୍ଦ, ଅଭିମନ୍ୟୁ ଖଟୁଆ, ଶ୍ରୀଧର ରାଉତ, ଲକ୍ଷ୍ମୀଧର ପଲେଇ ପ୍ରମୁଖ ପରିଚାଳନା କରିଥିଲେ ।

## କୁରାଳ ପଞ୍ଚମୀ ପୂଜା ଉତ୍ସବ



ବାରିକପୁର, ୮ ।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା କୁମ୍ଭାର ସାହି ଠାରେ ଭାବ ଭକ୍ତିର ସହିତ ପବିତ୍ର କୁରାଳ ପଞ୍ଚମୀ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବୈତରଣୀ ନଦୀରୁ ଘଟ ଉତ୍ତୋଳନ ପରେ ପୂଜା ମଣ୍ଡପରେ ବାର୍ଷିକ ପୂଜା ଆରମ୍ଭ ହୋଇଥିଲା । ମୁଖ୍ୟ ପୂଜକ ରବୀନ୍ଦ୍ର କୁମାର ମିଶ୍ର ବୈଦିକ ରୀତି ନୀତି ଅନୁଯାୟୀ ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ଲକ୍ଷ୍ମୀ ନାରାୟଣଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଛନ୍ତି । ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ସୁକ ସାହୁ ଓ ବାସନ୍ତୀ ସାହୁ ଦାୟିତ୍ୱ ନିର୍ବାହ କରିଛନ୍ତି । ପୀଠରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଖପାଖ ଦଶ ପନ୍ଦର ଖଣ୍ଡି ଗାଁ ର ଜନସାଧାରଣ ଏଥିରେ ଦୈନନ୍ଦିନ ଯୋଗ ଦେଇ ଭଗବାନଙ୍କ କୃପା ଲାଭ କରିଛନ୍ତି । ବାର୍ଷିକ ଉତ୍ସବକୁ ଲକ୍ଷ୍ମୀନାରାୟଣ ପୂଜା କମିଟି ସଭାପତି ମଦନ ବେହେରା, ସମ୍ପାଦକ ପାଗଳ ବେହେରା, ବରିଷ୍ଠ ସଦସ୍ୟ ନରେନ୍ଦ୍ର ବେହେରା, ସରୋଜ ବେହେରା, କିଶାନ ବେହେରା, ରସାନନ୍ଦ ବେହେରା, ଜଗନ୍ନାଥ ବେହେରା, ପ୍ରାଣକୃଷ୍ଣ ବେହେରା ପ୍ରମୁଖ ପରିଚାଳନା କରିଛନ୍ତି । ସେହିଭଳି ସାନଶାସନ ପଞ୍ଚାୟତ ସୁଦାବାଜ ଠାରେ ପବିତ୍ର କୁରାଳ ପଞ୍ଚମୀ ପୂଜା ଉତ୍ସବ ପାଳିତ ହୋଇଯାଇଛି ।

## ଲଲାଟେନ୍ଦୁ ମହାନ୍ତିଙ୍କୁ 'ନାଟ୍ୟ' ସମ୍ମାନ

ଭଦ୍ରକ, ୮ ।୧୨(ସମିସ): ଇଣ୍ଟରନ୍ୟାସନାଲ ଥିଏଟର୍ସ ପକ୍ଷରୁ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭଦ୍ରକର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କୁ 'ନାଟ୍ୟ' ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀ ମହାନ୍ତି




ଖିଦିରପୁର ଶ୍ରୀଜଗନ୍ନାଥ ମନ୍ଦିରର ଜଣେ ପ୍ରତିଷ୍ଠାତା ସଦସ୍ୟ ରହିବା ଅବସରରେ କଲିକତାରେ ମଧ୍ୟ ବହୁ ନାଟକରେ ନିର୍ଦ୍ଦେଶନା ଦେଇ ସଫଳ ପ୍ରଦର୍ଶନ କରାଇଛନ୍ତି । ବହୁ ସଂସ୍ଥା ପକ୍ଷରୁ ସମ୍ମାନିତ ତଥା ସମ୍ବର୍ଦ୍ଧିତ ଶ୍ରୀ ମହାନ୍ତି ଇଣ୍ଟରନ୍ୟାସନାଲ ଥିଏଟର୍ସ ପ୍ରସିଦ୍ଧ ମୋଗଲ ତାମ୍‌ସା ଠାରୁ ଆରମ୍ଭ କରି ବହୁ ନାଟକରେ ନିର୍ଦ୍ଦେଶନା ଦେଇ ନିଜ ନାଟ୍ୟ ପ୍ରତିଭାର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି । ସେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା କୋଲକାତା ପକ୍ଷରୁ ସମ୍ମାନିତ ହେବା ଅବସରରେ ସେ ଥିଏଟର୍ସର ନିର୍ଦ୍ଦେଶକ ମିହିର କୁମାର ମେହେର ଏବଂ ଉତ୍ତର ଓଡ଼ିଶା ଶାଖା ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।।

## ଗୁଡ୍ ଟଚ୍ ଓ ବ୍ୟାଡ୍ ଟଚ୍ ଉପରେ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୮ ।୧୨(ସମିସ): ଜିଲ୍ଲା ପ୍ରଶାସନ ଭଦ୍ରକ ଓ ଶକ୍ତି ସଦନ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ (ନୁହାସ୍) ମିଳିତ ଆନୁକୂଲ୍ୟରେ ପୌରପାଳିକାସ୍ଥିତ ୨୪ନମ୍ବର ୱାର୍ଡ଼ ବେହେରା ସାହି ଅଙ୍ଗନବାଡ଼ି କେନ୍ଦ୍ରରେ ନୁହାସ୍‌ର ସୁପରିଟେଣ୍ଡେଣ୍ଟ ଉଷାରାଣୀ ବେହେରା ପୌରାହିତ୍ୟରେ ଗଡ୍ ଟଚ୍ ଓ ବ୍ୟାଡ୍ ଟଚ୍ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଆସିଆନାର ସଂଯୋଜକ ରିଆଜ୍ ଅହମଦ୍, ଓପନ୍ ସେଲ୍‌ଟର ହୋମ୍ ସଂଯୋଜକ ସମ୍ବିତ ମହାନ୍ତି ଯୋଗଦେଇ ଗୁଡ୍ ଟଚ୍ ଓ ବ୍ୟାଡ୍ ଟଚ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସଂଗେ ସଂଗେ ଯଦି କେହି ବ୍ୟାଡ୍ ଟଚ୍ କରୁଛି ତାହାକୁ ପ୍ରତିବାଦ କରିବା ସଂଗେ ସଂଗେ ତୁରନ୍ତ ନିଜ ଅଭିଭାବକ କିମ୍ବା ଚାଇଲିଡ୍ ହେଲପ୍ ଲାଇନ୍‌ର ନମ୍ବର ୧୦୯୮ ସହଯୋଗ ନେବା ପାଇଁ କହିଥିଲେ । ସୁପରିଟେଣ୍ଡାଟଂ ଶ୍ରୀମତୀ ବେହରା ଏହି ୧୬ ଦିନିଆ ମହିଳା ହିଂସା ବିରୋଧି ଅଭିଯାନ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର କିଶୋରୀ ଓ ମହିଳାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନୁହାସ୍‌ର ବହୁମୁଖୀ କର୍ମଚାରୀ ସଂଯୁକ୍ତା ମହାନ୍ତି ଓ ଅଙ୍ଗନୱାଡ଼ୀ କର୍ମୀ ଭାନୁମତି ବେହେରା ପରିଚାଳନା କରିଥିଲେ । ଶେଷରେ ନୁହାସ୍‌ର ସହାୟକ କର୍ମଚାରୀ ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଣୀତାଲରେ ଶ୍ରୀଅରବିନ୍ଦ ପାଠଚକ୍ର

ଭଦ୍ରକ, ୮ ।୧୨(ସମିସ): ଭଦ୍ରକ ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତର ରାଣୀତାଲ ତାଗିରା ଗାଁରେ ଭଦ୍ରକ ଜିଲ୍ଲା ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ତରଫରୁ ସ୍ୱର୍ଗତ ପ୍ରପତିଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ଏକ ଆଧ୍ୟାତ୍ମିକ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପି. ହୃଷୀକେଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଭବେଶ ଚନ୍ଦ୍ର ସାହୁ, ଅଧ୍ୟାପକ ପ୍ରପତି ଓରଫ କାଙ୍ଗାଳି ଚରଣ ପତିଙ୍କ ଜୀବନ ଦର୍ଶନ ଉପରେ ଓ ପ୍ରଫେସର ଗୋଲକ ବିହାରୀ ସାହୁ 'ଶ୍ରୀଅରବିନ୍ଦଙ୍କ କବିତାରେ ଅନ୍ତର୍ଜୀବନର ସ୍ୱର' ସମ୍ବନ୍ଧିୟ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା



ସଂଯୋଜକ ପ୍ରଦୀପ ଜେନା ସ୍ୱାଗତ ଭାଷଣ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବଦତ୍ତ ନାୟକ, ଡ.ବସନ୍ତମଞ୍ଜରୀ ନନ୍ଦ, ପ୍ରଶାନ୍ତ ପଟ୍ଟନାୟକ, ଅବନ୍ତି ପାଢ଼ୀ, ପୁଷ୍ପଲତା ଜେନା, ସନ୍ତୋଷ ପାଢ଼ୀ, ବସନ୍ତ ଲେଙ୍କା, ଭାଗିରଥି ନାୟକ, ଚିତରଞ୍ଜନ ମହାନ୍ତି, ପ୍ରଶାନ୍ତ ମିଶ୍ର, ଦଶରଥ ପଣ୍ଡା ଆଦି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିବା ବେଳେ ଆବାହକ ଗୀତାରାଣୀ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିବମୁନି ଯୋଗାଶ୍ରମର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା, ୮ ।୧୨(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ା ଠାରେ ଥିବା ଶିବମୁନି ଯୋଗାଶ୍ରମ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଯୋଗୀ ଜଗନ୍ନାଥ ମିଶ୍ରଙ୍କ ଦ୍ୱାରା ପ୍ରଥମେ ଯୋଗ ପତାକା ଉତ୍ତୋଳନ କରାଯାଇ ପରେ ମୁନି ନରେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯୋଗୀ ଶ୍ରୀ ମିଶ୍ର, ଡ.ପୂର୍ଣ୍ଣଚନ୍ଦ୍ର ସାହୁ, ମୁନି ସୁଧାକର ରାଉତ, ବସନ୍ତ ଜେନା, ବିଧୁଭୂଷଣ ବିଶ୍ୱାଳ, ତରଣୀସେନ ବାରିକ, ଗଣେଶ ପ୍ରସାଦ ସାହୁ, ସୁଭେନ୍ଦୁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଯୋଗାଭ୍ୟାସ ଦ୍ୱାରା ମଣିଷ ସୁସ୍ଥ ରହିବା ସହ ସମଗ୍ର ମାନବ ସମାଜ ସୁସ୍ଥ ରହିପାରିବେ ବୋଲି ଉପଦେଶ ଦେଇଥିଲେ । ରବୀନ୍ଦ୍ର ବାରିକ, ଶୁକଦେବ ବାରିକ ଯୋଗ ସଂଗୀତ ଗାନ କରିଥିଲେ । ଉପସ୍ଥିତ ଯୋଗୀ ଓ ମୁନି ମାନେ ମଧ୍ୟ ଭଗବତ୍ ଗୀତା, ଭାଗବତ ପାଠ, ଶିବମୁନି ସାହିତ୍ୟ, ନିଶ୍ୱାସ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଉକ୍ତ ଉତ୍ସବରେ ଅନ୍ନପୂର୍ଣ୍ଣା ବାରିକ, ତୁଳସୀ ସାହୁ, ନୟନା ପାତ୍ର, କିଶୋର ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, କମଳା ବିଶ୍ୱାଳ, କାମିନୀ ବିଶ୍ୱାଳଙ୍କ ସହ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

## ଧାନ କିଣାରେ ବୋନଶ୍ ୮୦୦ ଟଙ୍କା ପ୍ରଦାନ

# ସଚେତନତା ପାଇଁ ବୁଲିଲା ରଥ

ଭଦ୍ରକ, ୮ ।୧୨(ସମିସ)

ଚାଷୀଙ୍କ ଧାନକ୍ରୟ ଯୋଜନାରେ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ୮୦୦ ଟଙ୍କାର ବୋନଶ ପ୍ରଦାନ ଉତ୍ସବ ଆଜି ବରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସହିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆର୍‌ଏମ୍‌ସି ପରିସରରେଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଏବଂ ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର,



ଏସ୍‌ପି ମାଡ଼କର ସନ୍ଦୀପ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଧାନକିଣା ବ୍ୟବସ୍ଥା ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ଜରିଆରେ ସଚେତନ କରାଇଥିଲେ । ଚାଷୀମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଜିଲ୍ଲାର ସମସ୍ତ ଅଞ୍ଚଳରେ ପରିକ୍ରମା କରିବାକୁ ଥିବା ରଥ ସବୁକୁ ଅତିଥିମାନେ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ସରକାରୀ ଦରରେ ଧାନକ୍ରୟ ନେଇ ଚାଷୀମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ସଂଗୀତ ଓ ଦୃଶ୍ୟାବଳୀ ପରିବେଷଣ କରାଯାଇଥିଲା । ଚାଷୀମାନଙ୍କ ଉଦ୍ଦେଶ୍ୟରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ତରଫରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏଫ୍‌ଏକ୍ୟୁ ମାନର ଧାନ ପ୍ରସ୍ତୁତି ସମ୍ବନ୍ଧରେ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ସଭା ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପ୍ରଦର୍ଶନ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନର ପିଲାଙ୍କ ଦ୍ୱାରା ବେଶ୍ ଆକର୍ଷଣୀୟ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ସଂପୃକ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ, ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ ଆଦି ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ସ୍କୁଲ ଚାଉଳ ଚୋରି ର୍‍ୟାକେଟ୍ ଟେର ପାଉନି ପୁଲିସ

ବାସୁଦେବପୁର, ୮ ।୧୨(ସମିସ): ନାୟକାଣୀଡିହି ଥାନା ଭେଡ଼ା ଅଞ୍ଚଳର ଅନେକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଚାଉଳ ଉପରେ ଚୋରଙ୍କ ଲୋଲୁପ ଦୃଷ୍ଟିପଡ଼ିଛି । ଲଗାତାର ଭାବେ ବିଦ୍ୟାଳୟର ତାଲା ଭାଙ୍ଗି ଚୋରମାନେ ବୋହି ନେଇ ଯାଉଥିବା ସଙ୍ଗିନ ଅଭିଯୋଗ ଚିନ୍ତାର କାରଣ ପାଲଟିଛି । ଆଉ ଏହି ଚୋରି ଘଟଣାରେ କୌଣସି ଚୋରଙ୍କୁ ଧରିବାରେ ପୁଲିସ ଟେର ପାଉ ନଥିବା ବେଳେ ଏହି ଚୋରି ଘଟଣାରେ ଆଜି ସନ୍ଧାନୀ କୁକୁର ଗାଁ ଗାଁରେ ବୁଲୁଥିବା ଦେଖିବାକୁ ମିଳିଛି ।

ସୂଚନା ଥାଉକି, କିଛିଦିନ ତଳେ ଜଗନ୍ନାଥପ୍ରସାଦ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛତ୍ରପୁରରୁ ତାଲା ଭାଙ୍ଗି ଏକ ଫ୍ୟାନ ସମେତ ୪ ବସ୍ତା ଚାଉଳ ଚୋରି ହୋଇଥିଲା । ପରେ ନିକଟସ୍ଥ ଲକ୍ଷ୍ମୀଦାସପୁର ସ୍ଥିତ ସ୍କୁଲରୁ ୨୨ ବସ୍ତା, ଚିରୋଳ ବିଦ୍ୟାଳୟରୁ ୧୫ ବସ୍ତା ଚୋରି ହୋଇଥିବା ଘଟଣାରେ ହଟଚମଟ ସୃଷ୍ଟି ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ନାନା ପ୍ରଶ୍ନ ଉଠିଥିଲା । ପୁଣି ଗତ ଶୁକ୍ରବାର ରାତିରେ ଛତ୍ରପୁର ବିଦ୍ୟାଳୟରୁ ମହଜୁଦ ଥିବା ୪ ବସ୍ତା ଚାଉଳ ଚୋରି ହୋଇଥିବା ସ୍ଥାନୀୟ ପୁଲିସର ନିଦ ହଜାଇଦେଇଛି । ଲଗାତାର ଭାବେ ଚୋରି ଘଟଣାକୁ ନେଇ ପିଲାମାନେ ମଧ୍ୟାହ୍ନ ଭୋଜନ ନପାଇ ଫେରୁଥିବା ଦେଖିବାକୁ ମଧ୍ୟ ମିଳୁଛି । ଆଉ କୌଣସି ଏକ ଚୋରି ଘଟଣାରେ ସମ୍ପୃକ୍ତଙ୍କୁ ଧରିବାରେ ପୁଲିସ ଅକ୍ଷମତାକୁ ନେଇ ବିଭିନ୍ନ ମହଲରେ କଡ଼ା ନିନ୍ଦା କରାଯାଇଛି । ଫଳରେ ପୁଲିସ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ହୋଇଥିବା ବେଳେ ଆଜି ସନ୍ଧାନୀ କୁକୁର ସହାୟତା ନେଇ ଗାଁ ଦାଣ୍ଡରେ ଦରାଣ୍ଡୁଥିବା ଦେଖିବାକୁ ମିଳିଛି । ଘରେ ଘରେ ପସି ଆଜି ଦିନ ତମାମ ସ୍ଥାନୀୟ ପୁଲିସ ଅଧିକାରୀମାନେ ଛାନଭିନ କରୁଥିବା ସାମନାକୁ ଆସିଛି । ହେଲେ ପୁଲିସ ନିକଟରେ କୌଣସି ଠୋସ ସୂରାକ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଥିବା ବହୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟରେ ଭାଳେଣି ପଡ଼ିଯାଇଛି ।




## ହଜରତ ମୌଲାନା ଅବଦୁଲ ଓହିଦଙ୍କ ଉର୍ସ ଉତ୍ସବ

ଧାମନଗର, ୮ ।୧୨(ସମିସ): ଧାମନଗର ସ୍ଥିତ ହଜରତ ପୀରବାବା ହୋଜୁର ମୁଜାହିଦ୍-ଏ-ମିଲ୍ଲିତଙ୍କ ପାଳିତ ପୁଅ ତଥା ପ୍ରସିଦ୍ଧ ପୀଠ ଖାନକା ସରିଫ୍‌ର ପ୍ରଥମ ମତବଲ୍ଲି ହଜରତ ମୌଲାନା ଅବଦୁଲ ଓହିଦଙ୍କ ୩୪ତମ ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଶନିବାର ସକାଳ ପ୍ରାୟ ୭ଘଟିକା ସମୟରେ ଅବଦୁଲ ଓହିଦଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ ବର୍ତ୍ତମାନର ଖାନକା ସରିଫ୍ ମତବଲ୍ଲୀ ଅଲହାଜ୍ ସୟଦ୍ ଗୋଲାମ ମହମ୍ମଦ ହବିବିଙ୍କ ପୁଅ



ସୟଦ ହବିବ୍ ରଜା ହବିବିଙ୍କ କରକମଳରେ ଗୋସଲ ସରିଫ୍ (ସ୍ନାନ) କରାଇଥିଲା । ପରେ ୭ଟା ୩୦ରେ କୋରାନ୍ ଖାନି ଓ ଫାତେହା କାର୍ଯ୍ୟକ୍ରମ ସରିବା ପରେ ସର୍ବ ସାଧାରଣରେ ଦର୍ଶନ ଆରମ୍ଭ ହୋଇ ମଧ୍ୟାହ୍ନରେ ଲଙ୍ଗର(ଭୋଗ) ବଣ୍ଟନ କରାଯାଇଥିଲା । ଉତ୍ସବରେ ବିଭିନ୍ନ ରାଜ୍ୟରୁ ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗ ଦେଇ ଖାନକା ସରିଫ୍‌ରେ ପହଞ୍ଚି ଆସ୍ଥାନରେ ଚାଦର ଓ ଗୋଲାପ ଫୁଲ ଚଢ଼ାଇ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଧାମନଗର ସ୍ଥିତ ନାୟକ ସାହି ଠାରେ ରାତି ୮ଟାରେ ଏକ ଜଲସା କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା । ଏହିଅବସରରେ ମୌଲାନା ଅବଦୁଲ ଓହିଦଙ୍କ ପାଇଁ ଆଜି ଧାମନଗରରେ ହୋଜୁର ମୁଜାହିଦ୍-ଏ-ମିଲ୍ଲିତ ରହିଛନ୍ତି ବୋଲି ବକ୍ତବ୍ୟରେ ସୂଚନା ଦେଇଥିଲେ । ଅନ୍ୟ ରାଜ୍ୟରୁ ଆସିଥିବା ମୌଲାନା, ସାୟାର ଓ କବି ମାନଙ୍କ ଦ୍ୱାରା ଜଲସା, ମୁସାୟେରା ଓ ତକ୍ରୀର ଏବଂ ଧାର୍ମିକ ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେକ୍ ଗୋଲାମ ମହମ୍ମଦ, ଗୋଲାମ ମୁସ୍ତଫାଙ୍କ ତତ୍ତ୍ୱାବଧାନରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗୋଲାମ ଜିଲାନି ହବିବି, ସେକ ଜାଫର ହବିବି, ଏମ୍‌ଡି ତାଜୁଦ୍ଦିନ ହବିବି, ସେକ ଆସଲାମ ହବିବି ଓ ଅନ୍ୟ କର୍ମକର୍ତ୍ତା ଜଲସା ପରିଚାଳନାରେ ସହଯୋଗ କରିଥିଲେ ।



## ବେତାଳିଗାଁ ଉପ ସ୍ୱାସ୍ଥ୍ୟକେନ୍ଦ୍ର
# ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ

ଅସୁରାଳି,୮ ।୧୨(ସମିସ)

ଧାମନଗର ବ୍ଲକ ଅଧୀନ ବେତାଳିଗାଁ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି । ଏଠାରେ ଡାକ୍ତର ନ ଥିବାରୁ ହୋମିଓପାଥି ଆୟୁଷ ଡାକ୍ତରଙ୍କ ହାତରେ ସ୍ୱାସ୍ଥ୍ୟସେବା ଚାଲିଛି। ତେବେ ଡାକ୍ତର ଅଭାବରୁ ରାତ୍ରିକାଳୀନ ସେବା ବନ୍ଦ ହୋଇଯାଇଛି।

ଧୂଷୁରୀ ଥାନା ଅଧୀନରେ ବହୁ ତଳିଆ ତଥା ବିଚ୍ଛିନ୍ନାଞ୍ଚଳ ରହିଛି। ଯେଉଁଠି କି ଏ ପର୍ଯ୍ୟନ୍ତ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଉପଲବ୍ଧ ହୋଇପାରିନାହିଁ। ବେତାଳି ଗାଁ ଏପରି ଏକ ସ୍ଥାନ ଯାହା ଉପରେ ଧାମନଗର ନିର୍ବାଚନ ମଣ୍ଡଳୀର ବହୁ ଅପହଞ୍ଚ ଇଲାକା, ତଳିଆ ଅଞ୍ଚଳ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାର ହଜାର ହଜାର ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନ ଜୀବିକା ସହିତ ସ୍ୱାସ୍ଥ୍ୟ, ଶିକ୍ଷା ପାଇଁ ନିର୍ଭର କରନ୍ତି। ଏହି ବେତାଳି ଗାଁ ମହତାବନଗରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ରହିଛି। ଯାହା ଉପରେ ଧୂଷୁରୀ ଥାନା ଅଧୀନ ପାଳସାହି, ରଇପୁର, କଣ୍ଟିକା, ଉପର ଦୁମୁକା, ତଳଦୁମୁକା, ଶ୍ୟାମସୁନ୍ଦରପୁର ସହିତ ତିହିଡ଼ି ବ୍ଲକ, ଚାନ୍ଦବାଲି ବ୍ଲକ ଓ ଯାଜପୁରର ବହୁ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ ଭଳି ଏକ ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ସଡ଼କ ପଥରେ ଦୁର୍ଘଟଣା ଜନିତ ତୁରନ୍ତ ପ୍ରାଥମିକ ଚିକିତ୍ସା ପାଇଁ ଯାତ୍ରୀମାନେ ଏହା ଉପରେ ନିର୍ଭର କରନ୍ତି। କିନ୍ତୁ ଡାକ୍ତରଖାନାଟି ଜନସାଧାରଣଙ୍କ ଦୁର୍ଦ୍ଦଶା ଦୂର କରିବା ପରିବର୍ତ୍ତେ ଉକ୍ତ ହସ୍ପିଟାଲର ସମସ୍ୟାର ସୀମା ନାହିଁ। ଡାକ୍ତରଖାନାରେ ଦୀର୍ଘ ଦିନ ହେଲା ଡାକ୍ତର ସମସ୍ୟା ଏକ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ଡାକ୍ତରମାନଙ୍କର ଦେଖା ମିଳୁନାହିଁ। ଜଣେ ହୋମିଓପାଥି ଚିକିତ୍ସକ କେବଳ ସମସ୍ତ ରୋଗୀଙ୍କୁ ଦେଖୁଥାନ୍ତି। କିନ୍ତୁ ରାତ୍ରୀ ସମୟରେ ଏହି ଚିକିତ୍ସାଳୟରେ କେହି ରହୁନାହାନ୍ତି।




ଏଠାରେ ଦୀର୍ଘ ଦିନ ହେଲା ଡାକ୍ତର ଅଭାବ ଏକ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ଜଣେ ଆୟୁର୍ବେଦିକ ଚିକିତ୍ସକ ସପ୍ତାହକୁ କେବଳ ୩ ଦିନ ଆସୁଥିବା ବେଳେ ଆଉ ଜଣେ ନୂତନ ଭାବେ ଏଲୋପାଥି ଡାକ୍ତର ସମାନ ରୂପେ ସାପ୍ତାହିକ ୩ ଦିନ ଆସୁଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ପୁଣି ରାତ୍ର ସମୟରେ ଚିକିତ୍ସାଳୟରେ କେହି ରହୁନାହାନ୍ତି। ଫଳରେ ଯେକୌଣସି ଜରୁରି ଚିକିତ୍ସାରୁ ରୋଗୀମାନେ ବଞ୍ଚିତ ହେଉଛନ୍ତି। ଏଠାରୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨୭ କିମି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ୩୨ କିଲୋମିଟର ଦୂର। ତା'ଛଡା ତଳିଆ ଆଞ୍ଚଳରେ ଗମନା ଗମନ ଅସୁବିଧା ଦୃଷ୍ଟିରୁ ଧାମନଗର କିମ୍ବା ଭଦ୍ରକରୁ ତୁରନ୍ତ ରୋଗୀ ପହଞ୍ଚାଇବା ସମ୍ଭବ ନୁହେଁ; ଯାହା ଫଳରେ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି। ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ମଧ୍ୟ ଜଟିଳ ପରିସ୍ଥିତି ସୃଷ୍ଟି ହେବା ସହିତ ଅନେକ ସମୟରେ ହତାଶ ହେବାକୁ ପଡ଼ିଥାଏ। ଚିକିତ୍ସାଳୟରେ କେଉଁ କାରଣରୁ ସ୍ଥାୟୀ ଭାବେ ଡାକ୍ତର ମାନେ କାର୍ଯ୍ୟ ସମ୍ପାଦିତ କରୁ ନାହାନ୍ତି ଏବଂ ରାତ୍ରୀ କାଳୀନ ସମୟରେ ଜରୁରୀ କାଳୀନ ସେବା କାହିଁକି ଯୋଗାଇ ଦିଆଯାଇ ନାହିଁ ତାର ଉତ୍ତର କାହା ପାଖରେ ନାହିଁ। କୁକୁର, ବିରାଡ଼ି କାମୁଡ଼ିଲେ ମଧ୍ୟ ୩୦ କିମି ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡିଥାଏ। ତୁରନ୍ତ ଏଠାରେ ସ୍ଥାୟୀ ଡାକ୍ତର ସହ ରାତ୍ରୀକାଳୀନ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି ହୋଇଛି।

## ନାବାଳକ ଗାଡ଼ି ଚାଳକଙ୍କ ପାଇଁ ଘଟୁଛି ଦୁର୍ଘଟଣା

**ଧାମନଗର,୮ ।୧୨(ସମିସ):** ଧାମନଗର ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଛୋଟ ଛୋଟ ପିଲାମାନଙ୍କୁ ବହୁ ସମୟରେ ଦୁଇଚକିଆ ଓ ଚାରିଚକିଆ ଗାଡିକୁ ଅତି ଦ୍ରୁତଗତିରେ ଓ ବିପଦପୂର୍ଣ୍ଣ ଭାବରେ ଚଳାଉଥିବାର ଦେଖିବାକୁ ମିଳୁଛି। ଏହା ସହିତ କିଛି ଛୋଟ ପିଲା କୌଣସି ଡ୍ରାଇଭିଂ ତାଲିମ ନପାଇ କମ ଦରମାରେ ବିଭିନ୍ନ ଭାରୀଯାନ ଯଥା ଟ୍ରାକ୍ଟର, ଅଟୋ, ପିକଅପ୍ ଭ୍ୟାନ ଭଳି ବିଭିନ୍ନ ଚାରିଚକିଆ ଯାନବାହନ ଚଳାଉଥିବାର ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ପରବହନ ବିଭାଗର ବିଭିନ୍ନ ନିୟମ ଥିଲା ବେଳେ ପରିବହନ ବିଭାଗର ବାବୁମାନଙ୍କର ଲୋଭଖୋର ମନବୃତ୍ତି ଓ ଖାମଖିଆଲି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଧାମନଗର ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ଯାହାର ଫାଇଦା ନେଇ ଗାଡି ମାଲିକମାନେ କମ ଦରମାରେ ଅଣସ୍ୱୀକୃତିପ୍ରାପ୍ତ ନାବାଳକ ଗାଡି ଚାଳକମାନଙ୍କୁ ରଖି ବିଭିନ୍ନ ମାଲ ପରିବହନ ଗାଡି ଓ ସ୍କୁଲ ପିଲାମାନଙ୍କ ପାଇଁ ବ୍ୟବହୃତ ଗାଡିମାନଙ୍କରେ ନିୟୋଜିତ କରି ଲାଭବାନ ହେଉଛନ୍ତି। କିନ୍ତୁ ଏହା ଫଳରେ ଧାମନଗର ଅଞ୍ଚଳରେ ବାରମ୍ବାର ସ୍କୁଲ ଗାଡି ଦୁର୍ଘଟଣା, ବାଇକ ଦୁର୍ଘଟଣା, ଟ୍ରାକ୍ଟର ଓ ବାଇକ ଦୁର୍ଘଟଣା ଭଳି ବହୁ ଘଟଣା ଧାମନଗର ଅଞ୍ଚଳରେ ଘଟୁଛି। ଯାହାକି ବିଭିନ୍ନ ସମୟରେ ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। କିନ୍ତୁ ଏଥିପ୍ରତି ନା ପରିବହନ ବିଭାଗ, ନା ପୁଲିସ ପ୍ରଶାସନ କାହାରି ନଜର ନାହିଁ। ଯାହା ଫଳରେ କିଛିଦିନ ତଳେ ଏକ ନାବାଳକ ଟ୍ରାକ୍ଟର ଚାଳକଙ୍କ ପାଇଁ ଧାମନଗର ଅଞ୍ଚଳର ଯୁବକ ଶ୍ରୀକାନ୍ତ ଯେନାଙ୍କର ଜୀବନ ଦୀପ ଲିଭିଗଲା। କାଲି ହୁଏତ ଆଉ କାହାର ଜୀବନ ଯାଇପାରେ ସେହି ଚାଳକ ପାଇଁ। ତେଣୁ ଏଥିପ୍ରତି ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ତିକ୍ଷ୍ନ ଦୃଷ୍ଟି ରଖିବା ସହିତ ଦୃଢ ପଦକ୍ଷେପ ନେଇ ମୋଟା ଅଙ୍କରେ ଗାଡିମାଲିକଙ୍କ ଉପରେ ଫାଇନ କରିବା ସହିତ କାଗଜପତ୍ର ସଠିକ ନଥିବା ଗାଡିଗୁଡ଼କର ରୋଡ ପରମିଟ ଖାରଜ କରାଗଲେ ନିଶ୍ଚିତ ଭାବରେ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା ଗୁଡିକୁ ରୋକାଯାଇ ପାରିବ।

## ନିରାକାର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଅସୁରାଳି,୮ ।୧୨(ସମିସ):** ଧାମନଗର ବ୍ଲକ ଗୋପବନ୍ଧୁନଗର କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ଅଧିବକ୍ତା ନିରାକାର ଜେନାଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ ସଭା ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉମେଶ ଚନ୍ଦ୍ର ତ୍ରିପାଠୀ, ସିପିଏମ ଜିଲା ସଭାପତି ଦିବ୍ୟସିଂ ନାୟକ, କୃଷକସଭା ଜିଲା ସଭାପତି ଚନ୍ଦ୍ର ଶେଖର ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଅଧିବକ୍ତା ପ୍ରଫୁଲ୍ଲ ପାଢୀ, ରାଧାନାଥ ଦାସ, ଅବସରପ୍ରାପ୍ତ ଅଧକ୍ଷ ପ୍ରମୋଦ ଦାସ, ଜିଲା ପରିଷଦ ସଭ୍ୟ ସାରଦାପ୍ରସନ୍ନ ସାହୁ, ପୂର୍ବତନ ସରପଞ୍ଚ ଉମେଶ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ରଞ୍ଜନ ଭୂୟାଁ, ଦିଗମ୍ବର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କର ସ୍ମୃତିଚାରଣ କରିଥିଲେ।

## ତ୍ୟାଗଭୂମି ମହୋତ୍ସବର ପ୍ରସ୍ତୁତି ବୈଠକ

**ଭଦ୍ରକ,୮ ।୧୨(ସମିସ):** ଭଦ୍ରକ ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ତ୍ୟାଗଭୂମି ମହୋତ୍ସବ ୧୦ରୁ ୧୮ ତାରିଖ ଯାଏ ସ୍ଥାନୀୟ ମଠସାହି ଗୋପାଳଜୀଉ ପଡ଼ିଆରେ ୯ ବ୍ୟାପି ଅନୁଷ୍ଠିତ ହେବ। ଆଜି ଅନ୍ତିମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଚାରିଘାରିଆ ରୋଟାରି କ୍ଲବ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନ ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଇଂ.ଅମ୍ବିକା ବଲ୍ଲଭ ସ୍ୱାଇଁ, ଇଂ.ଅଖିଳ ମୋହନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦାନ କରିଥିଲେ। ୧୦ ତାରିଖ ଉଦ୍‌ଘାଟନ ଉତ୍ସବରେ ରକ୍ତତୀର୍ଥ ଇରମ୍ ଓ ସହିଦପୀଠ ଲୁଣିଆରୁ ମଶାଲ୍ ଶୋଭାଯାତ୍ରା ଆସି ଲହୁଡ଼ି, ଢୋଲ, ଝାଞ୍ଜ ଓ ମୃଦଙ୍ଗ ଆଦି ପାରମ୍ପାରିକ ବାଦ୍ୟ ସହ ସହର ପରିକ୍ରମା କରିବ। ସେହିପରି ପ୍ରତି ସନ୍ଧ୍ୟାରେ କବିତା ଆସର, ପାରମ୍ପରିକ ସାଂସ୍କୃତିକ ନୃତ୍ୟଗୀତ ଓ ବିଷୟଭିତିକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସମ୍ପାଦକ ଗଦାଧର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହ ସଂପାଦକ ଅମରେନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସୁଧାକର ରାଉତ, ଲଲାଟେନ୍ଦୁ ମଳିକ, ଡ.ଅଭୟ ଦାସ, ମନୋରଞ୍ଜନ ଦାସ, ବିପ୍ଳବ ହୋତା, ବାବୁଲାଲ ଦାସ, ଗ୍ୟାଧର ପଣ୍ଡା, ମଦନ ମୋହନ ନାୟକ, ବିଚିତ୍ରାନନ୍ଦ ମହାନ୍ତି, ପଦ୍ମନ ରାୟ, କୈଳାଶ ମହାପାତ୍ର, ଯୋଗେନ୍ଦ୍ର ସାମଲ, ଡ.ରାଜକିଶୋର ସାହୁ, ବସନ୍ତ ପାଣିଗ୍ରାହୀ, ଉମାକାନ୍ତ ମଳିକ, ପ୍ରଭାତ ବିଜୟ, ଗୀତାରାଣୀ ଆଇଚ, ଲକ୍ଷ୍ମୀକାନ୍ତ ବାରିକ କାଳନ୍ଦୀ ମଲିକ, ପ୍ରଭାକାର ପରିଡା ପ୍ରମୁଖ ମହୋତ୍ସବର ଗରିମା ବଜାୟ ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ସଭାପତି ଶ୍ରୀ ନାୟକ ମହୋତ୍ସବ ସ୍ୱଚ୍ଛତା ଓ ସ୍ୱତନ୍ତ୍ରତା ରକ୍ଷା କରିବାକୁ ସଭ୍ୟମାନଙ୍କୁ ତଥା ଭଦ୍ରକବାସୀଙ୍କ ସହଯୋଗ କାମନା କରିଥିଲେ। ଅଶୋକ ଦ୍ୱିବେଦୀ, ଡ.କ୍ଷୀରୋଦ ସାମଲ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ବର୍ଷର ଝିଅକୁ ଭୟଭୀତ କରି ଅପହରଣ
# ୩ ମାସ ପରେ ବି ପୁଲିସ ଚୁପ୍




ଝିଅକୁ ଉଦ୍ଧାର ଲାଗି ପରିବାରର ଆକୁଳ ନିବେଦନ

**ଭଦ୍ରକ,୮ ।୧୨(ସମିସ):** ନାବାଳକ ସାନଭାଇକୁ ଛୁରି ଦେଖାଇ ଭୟଭୀତ କରି ବାଟରେ ତାଙ୍କ ନାବାଳିକା ବଡ଼ ଭଉଣୀକୁ ଏକ ବାଇକ୍‌ରେ ଜୋର ଜବରଦସ୍ତ ଭାବେ ନେଇଯାଇଥିଲା ଜଣେ ଯୁବକ। ଏହି ଘଟଣା ୩ ମାସ ତଳର। ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ କଟସାହି ପଞ୍ଚାୟତରେ ଅନୁଷ୍ଠିତ ସହିଦଦିବସକୁ ଉଭୟ ଭାଇଭଉଣୀ ଆସି ଫେରୁଥିବା ବେଳେ ଏହି ଅପହରଣ ଘଟିଥିଲା। ଫଳରେ ବାପା ମା' ଓ ବୁଢ଼ା ବାପା ହତାଶ ହୋଇପଡିଥିଲେ। ଏନେଇ ଧୂଷୁରୀ ଥାନାରେ ଅଭିଯୋଗ ପରେ ବି ପୁଲିସ କିଛି ପଦକ୍ଷେପ ନନେଇ ନିରବ ରହିଛି। ଶେଷରେ ନିଜ ଝିଅକୁ ଉଦ୍ଧାର ପାଇଁ ଆଜି ଭଦ୍ରକ ଏସ୍‌ପିଙ୍କୁ ଗୁହାରି କରିଛନ୍ତି ନାବାଳିକର ବାପା, ମାଆ ଓ ବୁଦ୍ଧଜେଜେବାପା। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା କଟସାହି ପଞ୍ଚାୟତର ନୋନ୍ଦର ଗାଁରେ। ଏହି ଗ୍ରାମର ଅନିଲ ସୂତାରଙ୍କ ଅଷ୍ଟମ ଶ୍ରେଣୀର ପାଠ ପଢୁଥିବା ୧୪ବର୍ଷର ଝିଅ ଓ ତାଙ୍କ ଷଷ୍ଠ ଶ୍ରେଣୀର ପଠା ପଢୁଥିବା ପୁଅ ଏକା ସାଙ୍ଗରେ ମିଶି ଗତ ସେପ୍‌ଟେମ୍ବର ୨୨ ତାରିଖରେ ସହିଦ ନଗର ହାଇସ୍କୁଲକୁ ସହିଦ ଦିବସ ଦେଖିବାକୁ ଯାଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ମଧ୍ୟାହ୍ନ ପ୍ରାୟ ୨ଟା ବେଳେ ଘରକୁ ଫେରୁଥିବା ବେଳେ ସିଲୁ ଗୋଛଛାୟତ ନାମକ ଜଣେ ଯୁବକ ତାଙ୍କୁ ବାଟରେ ଅଟକାଇଥିଲା। ଏପରିକି ଛୁରି ଦେଖାଇ ଅନିଲଙ୍କ ସାନ ପୁ କୁ ପ୍ରଥମେ ଭୟଭୀତ କରି ତାଙ୍କ ସମ୍ମୁଖରୁ ତାଙ୍କ ଭଉଣୀଙ୍କୁ ବାଇକ୍‌ରେ ବସାଇ ଫେରାର୍ ହୋଇଯାଇଥିଲା। ଏ ବିଷୟରେ ଅନିଲଙ୍କ ସ୍ତ୍ରୀ ଧୂଷୁରୀ ଥାନାରେ ଜଣାଇଥିଲେ ମଧ୍ୟ ପୁଲିସ କିଛି ବି ପଦକ୍ଷେପ ନେଉନାହିଁ । ଓଲଟି ଝିଅକୁ ଉଦ୍ଧାର ପାଇଁ ଟଙ୍କା ମାଗୁଥିବା ଅନିଲ ଅଭିଯୋଗ କରିଛନ୍ତି। ତେବେ ଟଙ୍କା ଯୋଗାଡ଼ କରି ପାରୁ ନ ଥିବାରୁ ପୁଲିସ ତାଙ୍କ ଝିଅକୁ ଖୋଜି ଆଣୁ ନ ଥିବା ଅନିଲ ଅଭିଯୋଗ କରିଛନ୍ତି। ଶେଷରେ ଅନିଲ ତାଙ୍କ ପରିବାର ସହ ଆସି ଭଦ୍ରକ ଏସ୍‌ପିଙ୍କୁ ସାକ୍ଷାତ କରି ନିଜ ଝିଅକୁ ଉଦ୍ଧାର କରି ଆଣିବା ପାଇଁ ଆକୁଳ ନିବେଦନ କରିଛନ୍ତି।

## ଘରୋଇ ବିଦ୍ୟାଳୟ ମହାସଂଘ ପକ୍ଷରୁ ଶିଶୁ ମହୋତ୍ସବ



**ଭଦ୍ରକ,୮ ।୧୨(ସମିସ):** ଭଦ୍ରକ ଟାଉନ ହଲ ଠାରେ ଅଲ୍ ଓଡିଶା ଘରୋଇ ବିଦ୍ୟାଳୟ ମହାସଂଘ ପକ୍ଷରୁ ଶିଶୁ ମହୋତ୍ସବ ମହକ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ କ୍ଲବର ସହଭାଗିତାରେ ଦୁଇଦିନ ଧରି ଏହି ଶିଶୁ ମହୋତ୍ସବ ଅନୁଷ୍ଠିତ ହେବ। ଜିଲ୍ଲା ଘରୋଇ ବିଦ୍ୟାଳୟ ମହାସଂଘର ସଭାପତି ଅଶୋକ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଅତିଥିମାନେ ଯୋଗଦେଇ କୁନି କୁନି ପିଲାଙ୍କ ପ୍ରତିଭାକୁ ପ୍ରଶଂସା କରି ସରକାରୀ ସ୍ତରରେ ହେଉଥିବା ସୁରଭି କାର୍ଯ୍ୟକ୍ରମ ଭଳି ବେସରକାରୀ ସ୍ତରରେ ଲାଇନ୍ସ କ୍ଲବ ସହଯୋଗରେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ସରକାରୀ ବିଦ୍ୟାଳୟରେ ଯେପରି ପିଲାଙ୍କ ପାଇଁ ସୁରଭି କାର୍ଯ୍ୟକ୍ରମ କରାଯାଉଛି ସେହିପରି ବେସରକାରୀ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଇଛି । ପୂର୍ବରୁ ବେସରକାରୀ ବିଦ୍ୟାଳୟରେ ଏସବୁ କାର୍ଯ୍ୟକ୍ରମ ହେଉ ନ ଥିଲା । ଫଳରେ ପିଲାଙ୍କ ପ୍ରତିଭା ସାମ୍ନାକୁ ଆସିପାରୁ ନ ଥିଲା। ତେଣୁ ବେସରକାରୀ ବିଦ୍ୟାଳୟର ପିଲାଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରି ପିଲାଙ୍କ ପ୍ରତିଭାକୁ ସାମ୍ନାକୁ ଆଣିବାର ଏହା ଏକ ପ୍ରୟାସ ବୋଲି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି । ଆଜି ପ୍ରଥମ କାର୍ଯ୍ୟକ୍ରମରେ ୪୨ଟି ବିଦ୍ୟାଳୟର ୪୨୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତେବେ ସେମାନଙ୍କ ମଧ୍ୟରେ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ଗଳ୍ପ, ରାଇମ୍ସ, ଅକ୍ଷର, ନୃତ୍ୟ, ସଙ୍ଗୀତ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଂପାଦକ ପ୍ରହ୍ଲାଦ କର, ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନ୍ ସଭା ପରିଚାଳନା କରିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମସ୍ତ ବିଦ୍ୟାଳୟରେ ସମ୍ପାଦକ, ସମ୍ପାଦିକାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ।

## ପଥରଡିହର କୁରାଳ ପଞ୍ଚମୀ ୧୦୦ ବର୍ଷରେ



**ଅସୁରାଳ,୮ ।୧୨(ସମିସ):** ଧାମନଗର ବ୍ଲକ କଟସାହି ପଞ୍ଚାୟତ ପଥରଡିହ ଗ୍ରାମରେ ଥିବା ମୁଦୁଲିସାହି ଠାରେ ଲକ୍ଷ୍ମୀନାରାୟଣ ପୂଜା ପାଳିତ ହେଉଛି। ଗ୍ରାମର ପ୍ରାୟ ୫୦ କୁମ୍ଭାର ପରିବାରର ମିଶି ପ୍ରାୟ ୧୦୦ ବର୍ଷ ଧରି କୁରାଳ ପଞ୍ଚମୀ ପର୍ବ ଧୁମଧାମରେ ପାଳନ କରି ଆସୁଛନ୍ତି। ଏହି ପୂଜାରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମର୍ତ୍ତୀ ନିର୍ମାଣ କରି ୪ ଦିନ ପୂଜାପାଠ କରିଥାନ୍ତି। କୁମ୍ଭାର ପରିବାରର ଏହା ହେଉଛି ମୁଖ୍ୟପୂଜା। ଏହି ପୂଜାରେ ଲକ୍ଷ୍ମୀନାରାୟଣଙ୍କ ପୂଜା ସହିତ କୁମ୍ଭାର ପରିବାରର ଘରେ ଘରେ ମାଟି ହାଣ୍ଡି ଆଟିକା ତିଆରି ହେଉଥିବା ଚକିକୁ ପୂଜା କରିଥାନ୍ତି। ଏହି ପୂଜା କମିଟିର ସଭାପତି ଉମାକାନ୍ତ ମୁଦୁଲି, ସମ୍ପାଦକ ଗୋପାଳ ଚନ୍ଦ୍ର ମୁଦୁଲି, ଅନ୍ୟାନ୍ୟ ମୁଖ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ମୁଦୁଲି, ଉପେନ୍ଦ୍ର ମୁଦୁଲି, ରବୀନ୍ଦ୍ର ମୁଦୁଲି, ରମେଶ ମୁଦୁଲି, ସୁଧାକର ମୁଦୁଲି, ନିତ୍ୟାନନ୍ଦ ମୁଦୁଲି ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପଣ୍ଡିତ ନରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଭଣ୍ଡାରିପୋଖରୀ/ବାରିକପୁର,୮ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ସ୍ୱାଇଁ (୭୪)ଙ୍କ ପରଲୋକ ହୋଇଯାଇଛି। ଗତ ଶନିବାର ସନ୍ଧ୍ୟାରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଓ ଅମାୟିକ ବ୍ୟକ୍ତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ନେତା ବଦ୍ରୀ ନାରାୟଣ ଧଳ, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ଅକ୍ଷୟ ଜେନା, ଅଧ୍ୟାପକ ନାରାୟଣ ଶାସିନ, ଶିକ୍ଷାବିତ ନଟବର ରାଉଳ, ଶିକ୍ଷକ ଜୟପ୍ରକାଶ ସ୍ୱାଇଁ, ସମାଜ ସେବୀ ଗିରିଶ ଚନ୍ଦ୍ର ସାମଲ, ପ୍ରତାପ କୁମାର ନାୟକ, ରାମଚନ୍ଦ୍ର ସେନାପତି, ରମେଶ ଚନ୍ଦ୍ର ନାୟକଙ୍କ ସମେତ ଅନେକ ଶିକ୍ଷାବିତ, ପୁରାତନ ଛାତ୍ର ଓ ଗ୍ରାମବାସୀ ବାସଭବନ ଠାରେ ପହଞ୍ଚି ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବାସଗୃହ ଅଗଣାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ଦୀପକ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜ୍ଞାନବିଜ୍ଞାନ ମେଳା

**ଭଦ୍ରକ,୮ ।୧୨(ସମିସ):** କଇଥଖୋଲା ଠାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ପୂର୍ବତନ ସିଆର୍‌ସିସି ଅନୁପ କୁମାର ଦାସଙ୍କ ସଭାପତିତ୍ୱରେ ଏକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଧର ସ୍ୱାଇଁ ଯୋଗ ଦେଇ ଆଜି ଭଳି ଦିନରେ ବିଜ୍ଞାନ ସହ ମଣିଷର ଜୀବନ ଯାପନ କିପରି ଅଙ୍ଗାଅଙ୍ଗି ଭାବେ ଜଡିତ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ତ୍ରିନାଥ ସାହୁ ଯୋଗ ଦେଇ ବିଜ୍ଞାନ ଉପକାରିତା ଏବଂ ଅପକାରିତା ଉପରେ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ବିଶ୍ୱରଞ୍ଜନ ଭୂୟାଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧନ ଦାସ, ସହକାରୀ ଶିକ୍ଷକ ବିଶ୍ୱଜିତ ଜାନା ପ୍ରମୁଖ ମଞ୍ଚାସୀନ ଥିଲେ। ହୋଇ ଥିବା ଜ୍ଞାନବିଜ୍ଞାନ ମେଳା ବିଦ୍ୟାଳୟର ଶିକ୍ଷକ ଉମେଶ ଚନ୍ଦ୍ର ସେଠୀ, ସଞ୍ଜୁଲତା ମାହୁନ୍ତ, ରଶ୍ମିତା ବେହେରା, ଜୟଶ୍ରୀ ଜେନା, ସଂଯୁକ୍ତା ଦାସ, ଅନିତା ଦାସ, ନମିତା ମାଇତି, ପ୍ରିୟଙ୍କା ମହାଳିକ, କବିତା ପ୍ରଧାନଙ୍କ ସମେତ ବିବେକାନ୍ଦ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିବା ସହ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସାଧନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ କୋଠରିରେ ୫ ଶ୍ରେଣୀର ପାଠପଢ଼ା

## ଅଫିସ ଗୃହରେ ଚାଲିଛି ଶିକ୍ଷାଦାନ

ବନ୍ତ/ଆଗରପଡ଼ା,୮ ।୧୨(ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ତଥା କାଦବରାଙ୍ଗ କ୍ଲଷ୍ଟର ଅଧୀନସ୍ଥ ବିଶଲକଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବିପର୍ଯ୍ୟୟ ହୋଇପଡ଼ିଲାଣି। ୧୯୬୭ ମସିହାରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ୫୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ଟି ଶ୍ରେଣୀ ପାଇଁ ୨ଟି ଗୃହ ଉର୍ଦ୍ଦିଷ୍ଟ ଥିବା ବେଳେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହା ମଧ୍ୟରେ ୫୭ବର୍ଷ ଅତିକ୍ରମ କରିଯାଇଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ।



ବିଦ୍ୟାଳୟରେ ମାତ୍ର ୨ଟି ଶ୍ରେଣୀଗୃହ ରହିଥିବାରୁ ୨ଟି ଗୃହରେ ୨ଟି ଲେଖାଏଁ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଆଉ ଗୋଟିଏ ଶ୍ରେଣୀର ପାଠପଢା ଅଫିସ ଗୃହରେ ଚାଲୁଥିବାର ଜଣାପଡ଼ିଛି। ଗୋଟିଏ ଗୃହରେ ୨ଟି ଶ୍ରେଣୀର ପିଲାଙ୍କୁ ଏକକାଳୀନ ଶିକ୍ଷାଦାନ କରାଯାଉଥିବାରୁ ଏଠାରେ ଗୁଣାତ୍ମକ ମାନର ଶିକ୍ଷା କିପରି ଭାବରେ ପ୍ରଦାନ କରାଯାଉଥିବ ତାହା ସହଜରେ ଅନୁମେୟ। ବିଦ୍ୟାଳୟଟିର ସମ୍ମୁଖ ଭାଗକୁ ଛାଡ଼ି ଦେଲେ ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରି ନଥିବାରୁ ଏହା ବୁଲା ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଲାଗି ରହିଥିବାରୁ ଏହା କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଉଥିବା ବେଳେ ବିଦ୍ୟାଳୟ ପରିସରରେ ବିଭିନ୍ନ ଯୋଜନାରେ ମଞ୍ଜୁର ଅର୍ଥରେ ନିର୍ମିତ ଗୃହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ଯଥେଷ୍ଟ ନୁହେଁ। ତେଣୁ ଉକ୍ତ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି।

## ଭଣ୍ଡାରିପୋଖରୀ ମହୋତ୍ସବ ଲୋଗୋ ଉନ୍ମୋଚିତ



**ବାରିକପୁର,୮ ।୧୨(ସମିସ):** ଭଣ୍ଡାରିପୋଖରୀ ମହୋତ୍ସବ ପାଇଁ ସ୍ଥାନୀୟ +୨ ମହାବିଦ୍ୟାଳୟ ଠାରେ ଲୋଗୋ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ନାଟ୍ୟକାର ତଥା ସାହିତ୍ୟିକ ସୁଧାକର ନନ୍ଦ, ବିଶିଷ୍ଟ ଶିକ୍ଷାବିତ ନରହରି ମହାନ୍ତି, କମିଟି ସମ୍ପାଦକ ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଭଣ୍ଡାରିପୋଖରୀ ମହୋତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ପବନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ, ଯୁବନେତା ଲଳିତ ରାଉତ ଉଦ୍ଦେଶ୍ୟ ଜ୍ଞାପନ ଓ ସମାଜସେବୀ ଗିରିଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଲୋଗୋ ଉନ୍ମୋଚିତ ହୋଇଥିଲା। ଏଥିରେ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଯୁବ ନେତୃତ୍ୱ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଲୋଗୋ ଉନ୍ମୋଚନ ଉତ୍ସବକୁ ମହୋତ୍ସବ କମିଟି ସଭ୍ୟ ସତ୍ୟାନନ୍ଦ ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ସୁଶାନ୍ତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ମୟୂରଭଞ୍ଜ ମହୋତ୍ସବର ସପ୍ତମ ସନ୍ଧ୍ୟା

# ଦର୍ଶକଙ୍କୁ ଝୁମେଇଲେ, ହସେଇଲେ ପପୁ, ଇରା, ଲଭ





ବାରିପଦା, ୮ ।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବର ସପ୍ତମ ବାର୍ଷିକ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧରି ଚାଲିଥିବା ବେଳେ ସପ୍ତମ ସନ୍ଧ୍ୟା ରବିବାର କମେଡି କିଙ୍ଗ ପପୁ ପମପମ୍ ଓ କଣ୍ଠଶିଳ୍ପୀ ଇରା ମହାନ୍ତି ଭରପୂର ମନୋରଞ୍ଜନ ଯୋଗାଇଛନ୍ତି। ତତସହ ମାଟି ପୁଅ ୟୁଟ୍ୟୁବର ଲବ ହାଁସଦା ଯୋଗଦେଇ ମହୋତ୍ସବର ଶୋଭା ବର୍ଦ୍ଧନ କରିଛନ୍ତି। ଛୁଟିଦିନ ରବିବାର ସାଙ୍ଗକୁ ମନପସନ୍ଦ କାର୍ଯ୍ୟକ୍ରମ ଦେଖିବାକୁ ଆଜି ସର୍ବାଧିକ ଭିଡ଼ ହୋଇଥିଲା।

କାର୍ଯ୍ୟକ୍ରମ ମଝିରେ ପ୍ରତିସନ୍ଧ୍ୟା ଭଳି ଆଜି ଅତିଥି, କଳାକାର ଓ ବିଶେଷ ବ୍ୟକ୍ତିବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ସାରସକଣା ବିଧାୟକ ଭାଦବ ହାଁସଦା,



ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୂର୍ବତନ ବିଧାୟକ କାନ୍ଦରା ସୋରେନ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଏହି ମହୋତ୍ସବ ମେଳାରେ ସନ୍ଧ୍ୟା ୫ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବେଳେ ଭିଡ଼ ଦେଖିବାକୁ ମିଳିଛି। ୨୦୦ରୁ ଊର୍ଦ୍ଧ୍ୱ ଘରକରଣା, ଖାଦ୍ୟ ଆଦି ବ୍ୟବସାୟିକ ଷ୍ଟଲ, ସେଲଫି ପଏଣ୍ଟ ଓ ବାରୁଣେଶ୍ୱର ମନ୍ଦିର ଆକୃତିର ମେଢ଼ରେ ପ୍ରତିଦିନ ଭିଡ଼ ଜମୁଛି। ଅଷ୍ଟମ ସନ୍ଧ୍ୟା ସୋମବାର



କୁଡ଼ମାଲୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଗୌତମ, ପମି ଓ ଉର୍ମିଳା ମହନ୍ତଙ୍କ ଟିମ ପରିବେଷଣ କରିବେ ବୋଲି କମିଟି ସୂତ୍ରରୁ ପ୍ରକାଶ।

---

### ମୟୂରଭଞ୍ଜ ମହୋତ୍ସବ

## ପାରମ୍ପରିକ ଆଦିବାସୀ 'ଚାଉଳ ଚାହା' ଷ୍ଟଲ୍‌ରେ ଭିଡ଼





**ବାରିପଦା, ୮ ।୧୨(ସମିସ):** ଚାହା କହିଲେ ସାଧାରଣତଃ ସମସ୍ତଙ୍କୁ ଜଣା କ୍ଷୀର ପ୍ରସ୍ତୁତ ଚାହା କିମ୍ବା ଲାଲିଆ ଚାହା। ଏହାସହ ଆଧୁନିକ ସମାଜର ଲିମନ୍ ଟି, ଜିଞ୍ଜର ଟି, ମସାଲା ଟି, ହନୀ ଟି ଭଳି କେତେକ ଚାହା..କିନ୍ତୁ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ପାରମ୍ପରିକ ଚାହା ହେଲା ଚାଉଳ ଚାହା। ଏ ବିଷୟରେ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଅନେକ ଲୋକଙ୍କୁ ଅଜଣା।

ଚାଉଳରୁ ପ୍ରସ୍ତୁତ ଉକ୍ତ ଚାହା ଆଦିବାସୀଙ୍କ ପାରମ୍ପାରିକ ଖାଦ୍ୟ ମଧ୍ୟରୁ ଅନ୍ୟତମ। ଏବେ ଏହି ଚାଉଳ ଚାହାର ମଜା ନେଉଛନ୍ତି ହଜାର ହଜାର ବାରିପଦାବାସୀ। ମୟୁରଭଞ୍ଜ ମହୋତ୍ସବକୁ ବୁଲିବାକୁ ଆସୁଥିବା ପ୍ରତିଟି ଦର୍ଶକ ଏବେ ଏହି ଚାହା ପ୍ରତି ଆକର୍ଷିତ ହେଉଛନ୍ତି। ଯାହାକି ବାରିପଦାର ଐତିହାସିକ ଛଉ ପଡ଼ିଆ ଉତ୍ସବ ମୁଖର ହୋଇଛି। ଜିଲ୍ଲାର ପାରମ୍ପରିକ ନୃତ୍ୟ-ସଙ୍ଗୀତରେ ଲୋକେ ମତୁଆଲା ହେଉଥିବା ସହ ଶୀତୁଆ ରାତିରେ ମାଂସ-ମୁଢ଼ିର ଆସର ବେଶ୍ ଜମୁଛି। ଏସବୁ ମଧ୍ୟରେ ଚାଉଳ ଚାହାର ଷ୍ଟଲ୍ ମୁଖ୍ୟ ଆକର୍ଷଣ ସାଜିଛି। ରାଇରଙ୍ଗପୁର ଅଞ୍ଚଳର ତିଳପୋଷି ଗ୍ରାମର ରାମଚନ୍ଦ୍ର ମାଝୀ ଓ ମାଇନ ମିର ମୁର୍ମୁ ଦମ୍ପତି ମହୋତ୍ସବରେ ଏଭଳି ନିଆରା ଚାହା ପ୍ରସ୍ତୁତ କରି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଚାହା କପ୍‌କୁ ୧୦ ଟଙ୍କା। ଆଉ ଶୀତୁଆ ସନ୍ଧ୍ୟାରେ ଲୋକ ମଧ୍ୟ ଏହାକୁ ସେବନ କରି ମତୁଆଲା ସାଜୁଛନ୍ତି।

ଏହି ଚାହାରେ ରହିଛି ବହୁ ଔଷଧୀୟ ଗୁଣ। ବିନା ଚାହା ପତ୍ତି ଓ ଚିନିରେ ପ୍ରସ୍ତୁତ ଏହି ଚାହାକୁ ସମଗ୍ର ଦେଶରେ ପ୍ରଚାର ପ୍ରସାରର ଯୋଜନା କରିଛନ୍ତି। ଏହି ଚାହାର ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ଭିନ୍ନ ଅଟେ। ମାଟି ପାତ୍ରରେ ଦେଶୀ ଚାଉଳ ସାଙ୍ଗକୁ ଗୁଡ଼ରୁ ପ୍ରସ୍ତୁତ ହୁଏ ଏହି ଚାହା। ସାଙ୍ଗରେ ଗୋଲମରିଚ, ଅଳେଇଚ, ଲବଙ୍ଗ, ଧନନ୍ତ୍ୱରି ଓ ତେଜପତ୍ର ଚାହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। ତେବେ କେବଳ ଯେ ମୟୂରଭଞ୍ଜ ମହୋତ୍ସବ ନୁହେଁ; ରାଜ୍ୟ ଓ ଜାତୀୟ ସ୍ତରରେ ହେଉଥିବା ଆଦିବାସୀ ମେଳା, ମହୋତ୍ସବ ଆଦିରେ ଉକ୍ତ ଚାଉଳ ଚାହା ପ୍ରଚାର ପ୍ରସାର ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବାକୁ ଦମ୍ପତି ନିବେଦନ କରିଛନ୍ତି।

---

## ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାରିପଦା, ୮।୧୨(ସମିସ):** ମଞ୍ଚାବନ୍ଧାଠାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ ନବନିର୍ମିତ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଉପସ୍ଥିତ ଥିଲେ। ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବାରିପଦା ସର୍କଲ ମୁଖ୍ୟଙ୍କ ଏହି ନୂତନ କାର୍ଯ୍ୟାଳୟ ଆଜିଠାରୁ କାର୍ଯ୍ୟ ଆରମ୍ଭ କରିଛି। ପୂର୍ବରୁ ଭଞ୍ଜପୁର ସ୍ଥିତ କାର୍ଯ୍ୟାଳୟରେ କ୍ଷେତ୍ର ନିର୍ଦ୍ଦେଶକ ଓ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଥିଲା। ବର୍ତ୍ତମାନ ଭଞ୍ଜପୁରରେ କେବଳ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରିବ। ନବନିର୍ମିତ କାର୍ଯ୍ୟାଳୟ ଜରିଆରେ ଶିମିଳିପାଳ ଅଭୟାରଣ୍ୟରେ ସମସ୍ତ ଗତିବିଧିକୁ ଅତ୍ୟାଧୁନିକ ଉପାୟରେ ଅନୁଧ୍ୟାନ କରାଯିବ। ବନଜନ୍ତୁ ସୁରକ୍ଷା ଓ ଶିକାରୀ ଉପଦ୍ରବ ନିୟନ୍ତ୍ରଣ ପାଇଁ ଲାଗିଥିବା ଏଆଇ କ୍ୟାମେରା ଗୁଡ଼ିକର ପରିଚାଳନା ଓ ରିପୋର୍ଟ ଏଠାରେ ପ୍ରସ୍ତୁତ ପାଇଁ ବ୍ୟବସ୍ଥା ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଉପନିର୍ଦ୍ଦେଶକ(ଦକ୍ଷିଣ) ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ, ଅତିରିକ୍ତ ବନ ସଂରକ୍ଷକ ସମରେଶ ବିଶ୍ୱାଳ, ଅତିରିକ୍ତ ବନସଂରକ୍ଷକ ପ୍ରଦୀପ ଦେ, ଅତିରିକ୍ତ ବନସଂରକ୍ଷକ ରବି ନାରାୟଣ ମହାନ୍ତି, ଅତିରିକ୍ତ ବନସଂରକ୍ଷକ ଦିଲ୍ଲୀପ ବାରିକଙ୍କ ସମେତ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

---

## ତାଏକ୍ୱୋଣ୍ଡୋ ରେଫରୀମାନଙ୍କୁ ତାଲିମ



**ଭଦ୍ରକ, ୮ ।୧୨(ସମିସ):** ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା (ତାଓ) ଆନୁକୂଲ୍ୟରେ ଏକ ରେଫରୀ ତାଲିମ ଶିବିର ଭଦ୍ରକରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଆଦି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୨୯ ଜଣ ରେଫରୀ ଏହି ଶିବିରରେ ଯୋଗ ଦେଇଥିଲେ। ତାଏକ୍ୱୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ, ଲକ୍ଷ୍ନୌର ଯୁଗ୍ମ ସମ୍ପାଦକ ରୂପକମଳ ନନ୍ଦି ଓ ବେଙ୍ଗଲ୍ ଆମାଚିୟର୍ ତାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସହ ସମ୍ପାଦକ କୌଶିକ୍ ନାୟକ ପ୍ରଶିକ୍ଷକ ରୂପେ ଯୋଗ ଦେଇଥିଲେ। ତାଏକ୍ୱୋଣ୍ଡୋ ଏକ ସାମରିକ କଳା। ଏହାର ନିୟମକାନୁନ ସର୍ବଦା ପରିବର୍ତ୍ତନଶୀଳ। ପ୍ରଶିକ୍ଷକ ମାନେ ନୂଆ ନିୟମ ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଓ ପ୍ରଦର୍ଶନ ଭିତିକ ବ୍ୟାଖ୍ୟା କରିବା ସହ ରେଫରୀମାନଙ୍କୁ ଯୁଗୋପଯୋଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଆରମ୍ଭରେ 'ତାଓ' ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରଶିକ୍ଷକ ଓ ଶିବିରାର୍ଥୀ ମାନଙ୍କ ପରିଚୟ ଦେବା ସହ ସ୍ୱାଗତ ଜଣାଇଥିଲେ। 'ତାଓ' ଉପସଭାପତି ରମେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ପ୍ରଫେସର ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ବରିଷ୍ଠ ସଦସ୍ୟ ଆଇନଜୀବୀ ପବନ କୁମାର ଶର୍ମା, ସାମାଜିକ କର୍ମୀ ବିଦ୍ୟାଧର ବାରିକ, ଅଶୋକ କୁମାର ସାହୁ, ଦୁଶ୍ୟନ୍ତ ନାଥ, ଶେଖ୍ ସର୍ମୀ, ଧନେଶ୍ୱର ଜେନା ପ୍ରମୁଖ ସହଯୋଗ କରିଥିଲେ। 'ତାଓ' ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଚଳିତ ଡିସେମ୍ବର ୨୮ ଓ ୨୯ ତାରିଖରେ ୨୧ତମ ରାଜ୍ୟ ତାଏକ୍ୱୋଣ୍ଡୋ ଚମ୍ପିୟାନସିପ୍ ଚରମ୍ପା ସ୍ଥିତ ମହାରାଜା ଅଗ୍ରସେନ ଭବନରଜ ଅନୁଷ୍ଠିତ ହେବ, ଏବଂ ଏହି ପ୍ରଶିକ୍ଷିତ ରେଫରୀ ମାନେ ଚାମ୍ପିଅନସିପ୍ ପରିଚାଳନା କରିବେ।

---

## ଟିପିଏନ୍‌ଓଡିଏଲ ପକ୍ଷରୁ ଏଲ୍‌ଟି ଏଫ୍‌ଏଲ୍‌ସି ପ୍ରଯୁକ୍ତିର ଶୁଭାରମ୍ଭ

**ଭୁବନେଶ୍ୱର/ବାଲେଶ୍ୱର, ୮।୧୨(ସମିସ):** ବିଦ୍ୟୁତ୍ ବିତରଣ ବିଶ୍ୱସନୀୟତା ଏବଂ କେବୁଲ୍ ତ୍ରୁଟି ନିଦାନ ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଭ୍ରାମ୍ୟମାଣ ଏଲଟି ଭୂତଳ ବିଦ୍ୟୁତ ତାର ତ୍ରୁଟି ଚିହ୍ନଟ (ଏଫ୍‌ଏଲସି) ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ସମାଧାନ ୧୧ କେଭି ଏବଂ ଏଲଟି ଭୂତଳ ନେଟୱାର୍କଗୁଡିକରେ ଦକ୍ଷ କେବୁଲ ପରୀକ୍ଷଣ ଏବଂ ତ୍ରୁଟି ଚିହ୍ନଟକୁ ସହଜ କରିବା ସହ ଦ୍ରୁତ ତ୍ରୁଟି ସମାଧାନ ଏବଂ ଉନ୍ନତ ସେବା ବିଶ୍ୱସନୀୟତାକୁ ସକ୍ଷମ କରିବ। ଅତ୍ୟାଧୁନିକ ତ୍ରୁଟି ଚିହ୍ନଟ ଜ୍ଞାନକୌଶଳରେ ସଜ୍ଜିତ ୩ଟି ଏଲ୍ଟି ଏଫ୍‌ଏଲସି ପରୀକ୍ଷା ଭ୍ୟାନକୁ ବାଲେଶ୍ୱର ଟିପିଏନ୍‌ଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଉଦଘାଟନ କରିଛନ୍ତି। ବାରିପଦା, ଯାଜପୁର ଓ କେନ୍ଦୁଝର ସର୍କଲରେ ଏହି ଭ୍ୟାନ ମୁତୟନ କରାଯାଇ ଟିପିଏନଓଡିଏଲର କାର୍ଯ୍ୟକ୍ଷେତ୍ରର ପ୍ରମୁଖ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯିବ। ଟିପିଏନଓଡିଏଲ ମୁଖ୍ୟତଃ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଛି ଯେଉଁଠାରେ ରେଡିୟଲ ଓଭରହେଡ୍ ନେଟୱାର୍କ ଭୂତଳ କେବୁଲ ମାଧ୍ୟମରେ ରେଳ ଲାଇନ ଏବଂ ଜାତୀୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଅତିକ୍ରମ କରିଛି। ଏଲ୍‌ଟି ଏଫଏଲସି ସିଷ୍ଟମ ଭୂତଳ କେବୁଲଗୁଡିକରେ ଦ୍ରୁତ ତ୍ରୁଟି ଚିହ୍ନଟ କରିବା, ବିଭ୍ରାଟ ସମୟକୁ ହ୍ରାସ କରିବା ଏବଂ ସେବା ବିଶ୍ୱସନୀୟତାକୁ ଉନ୍ନତ କରିବାରେ ସକ୍ଷମ କରିବ। ଏହାବ୍ୟତୀତ ଏହା ତୁରନ୍ତ ଏଚଟି ଏବଂ ଏଲଟି ଏରିଏଲ୍ ବଞ୍ଚଡ୍ କେବୁଲ (ଏବିସି)ରେ ଅଦୃଶ୍ୟ ତ୍ରୁଟିକୁ ଚିହ୍ନଟ କରିପାରିବ ଯାହା ପରିଚାଳନା ଦକ୍ଷତା ବୃଦ୍ଧି କରିବ। ଏହି ସଦ୍ୟତମ ସୁବିଧା ୨୦୨୨ ଅଗଷ୍ଟରେ କାର୍ଯ୍ୟକ୍ଷମ ହୋଇଥିବା ବର୍ତ୍ତମାନର ଏଚ୍‌ଟି ଏଫଏଲସି ସିଷ୍ଟମ (ସେଂଟ୍ରିକ୍ସ ୨.୦)କୁ ପୂରଣ କରୁଛି ଯାହାର ପରୀକ୍ଷଣ କ୍ଷମତା ୮୦ କେଭି ପର୍ଯ୍ୟନ୍ତ ରହିଛି ଏବଂ ଏହା ପ୍ରଭାବଶାଳୀ ଭାବରେ କାର୍ଯ୍ୟ ଜାରି ରଖିଛି। ଉଭୟ ସିଷ୍ଟମ ନାମମାତ୍ର ଶୁଳ୍କରେ ଏଚଟି-ଇଏଚଟି ଉପଭୋକ୍ତାଙ୍କୁ ମୂଲ୍ୟ ଯୁକ୍ତ ସେବା ଭାବରେ ଉପଲବ୍ଧ। ଏହି ଅବସରରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ କହିଛନ୍ତି ଯେ, ଏହି ଏଲଟି ଏଫଏଲସି ପରୀକ୍ଷା ଭ୍ୟାନର ଶୁଭାରମ୍ଭ ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକଙ୍କ ସନ୍ତୋଷ ପାଇଁ ପ୍ରଯୁକ୍ତିର ଉପଯୋଗ କରିବା ପାଇଁ ଟିପିଏନଓଡିଏଲର ପ୍ରତିବଦ୍ଧତାର ପ୍ରମାଣ। ଏହି ବ୍ୟବସ୍ଥା ତ୍ରୁଟି ସୁଧାରିବା ସମୟକୁ ଯଥେଷ୍ଟ ହ୍ରାସ କରିବ ଏବଂ ଆମ ନେଟୱାର୍କରେ ଅଧିକ ବିଶ୍ୱସନୀୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ।



---

### ବିଳମ୍ବିତ ରାତିରେ ଚଢ଼ଉ କଲା ପୁଲିସ; ୪ ଗିରଫ

**ରାମଚନ୍ଦ୍ରପୁର, ୮ ।୧୨(ସମିସ):** ରାମଚନ୍ଦ୍ରପୁର ଥାନାରେ ବିଭିନ୍ନ ମାମଲାରେ ଛନ୍ଦି ହୋଇ ଗିରଫ ହେବା ଭୟରେ ଫେରାର ହେବା ଘଟଣାରେ ଅଭିଯୁକ୍ତମାନଙ୍କ ନାମରେ ଥାନା ପକ୍ଷରୁ ଗିରଫ ପରୱାନା ଜାରି କରାଯାଇଥିଲା। ଗତରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ଜଣ ୱାରେଣ୍ଟିଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାମଚନ୍ଦ୍ରପୁର ପୁଲିସ। ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ଦ୍ରଜିତ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏକା ସଙ୍ଗରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ଅଧିକ ପଚାରା ଉଚାରା କରିବା ପରେ ଆଜି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ସ୍ଥାନୀୟ ମଦନପୁର ଗ୍ରାମର ଶଙ୍କର୍ଷଣ ସାମଲ(୫୫), ବାପୁନ ସାମଲ(୩୮), ବାଇଧର ସାମଲ(୫୦) ଏବଂ ନପଙ୍ଗା ଗ୍ରାମର ଭରତ ଦଳେଇ(୫୯) ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ସିଦ୍ଧମଠ ଜଙ୍ଗଲରୁ ୬ ଡକାୟତ ଗିରଫ

କେନ୍ଦୁଝର, ୮ ।୧୨(ସମିସ): କେନ୍ଦୁଝରରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ମାଡି ବସିଲା ପୁଲିସ। ପୁଲିସର ସୂଚନା ଅନୁସାରେ ଆଜି ଟାଉନ ପୁଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସିଦ୍ଧମଠ ଜଙ୍ଗଲରେ ୬ ଜଣ ଡକାୟତ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ପୁଲିସ ସେମାନଙ୍କ ଠାରୁ ଏକ ବୋଲେରୋ ଗାଡ଼ି, ୧ କଟୁରି, ୬ଟି ଲାଠି, ୭ଟି ମୋବାଇଲ ସହ ୫ଟି ବିଅର ବୋତଲ ଜବତ କରିଛି। ଗିରଫ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଧିକ ତଥ୍ୟ ପାଇଁ ପୁଲିସ୍ ତଦନ୍ତ କରୁଛି।

### କାର୍-ବାଇକ୍ ଧକ୍କା; ଜଣେ ଗୁରୁତର

**କରଞ୍ଜିଆ, ୮।୧୨(ସମିସ):** କରଞ୍ଜିଆ ସହର ଗୋଲେଇ ନିକଟସ୍ଥ ବିଜୁ ସ୍ମାର୍ଟ ପାର୍କ ନିକଟରେ ସନ୍ଧ୍ୟା ସମୟରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ଦୀନେଶ ସାହୁ ନିଜ କାରରେ ଆସୁଥିଲା ବେଳେ ବଜାର ପଟୁ ବାଇକ୍ ଚାଳକ ଧକ୍କା ଦେଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କରଞ୍ଜିଆ ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ କରଞ୍ଜିଆ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

---

### ସାଳନ୍ଦୀ ନଦୀବନ୍ଧ ଓ ଗଡ଼ଚଣ୍ଡୀରେ ପର୍ଯ୍ୟଟକଙ୍କ ଭିଡ଼

# ପର୍ଯ୍ୟଟକଙ୍କ ମନମୋହୁଛି ହଦଗଡ଼

ବନ୍ତ/ଆଗରପଡ଼ା, ୮।୧୨(ସମିସ)

ଚଳିତ ବର୍ଷରେ ବିଳମ୍ବରେ ଶୀତ ଫେରିଛି। କିଛି ଦିନ ହେଲା ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ନିଜ ପ୍ରିୟଜନଙ୍କୁ ସାଙ୍ଗରେ ଧରି ବିଭିନ୍ନ ସ୍ଥାନ ବୁଲିବା ସହିତ ମନଖୁସି କରିବା ପାଇଁ ଭ୍ରମଣକୁ ଆପଣେଇଛନ୍ତି ଲୋକେ। ଏମିତିକି ଏବେ ପିକନିକ୍ ଋତୁ ମଧ୍ୟ ଆରମ୍ଭ ହୋଇଛି। ପିକନିକ୍ ଋତୁ ଆସିଯାଇଥିବାରୁ ହଦଗଡ଼ ନଦୀ ବନ୍ଧ ଅଞ୍ଚଳ ଏବେ ବେଶ ଚଞ୍ଚଳ ହୋଇଉଠିଛି। ଡିସେମ୍ବର ଠାରୁ ଫେବୃଆରୀ ଯାଏ ୩ ମାସ ଧରି ଏହି ଅଞ୍ଚଳରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରାକୃତିକ ସବୁଜ ବନାନୀ ଭରା ଏହି ଅଞ୍ଚଳର ମନୋରମ ଦୃଶ୍ୟ ଦୂରଦୂରାନ୍ତ ପର୍ଯ୍ୟଟକମାନଙ୍କୁ ଏଠାକୁ ଆସିବା ପାଇଁ ଆକର୍ଷିକ କରିଥାଏ। ବଉଳା ପାହାଡ ମଝିରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଏଠାରେ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ। ପାହାଡ, ଜଙ୍ଗଲ ଘେରା ସ୍ଥାନରେ ପିକନିକ୍ କରିବାର ସ୍ୱତନ୍ତ୍ର ମଜ୍ଜା ରହିଛି ବୋଲି ପର୍ଯ୍ୟଟକମାନେ ମତପୋଷଣ କରିଥାନ୍ତି। ସାଳନ୍ଦୀ ନଦୀର କୁଳୁକୁଳୁ ନାଦ ମନରେ ଅସରନ୍ତି ଆନନ୍ଦ ସୃଷ୍ଟି କରିଥାଏ।





ଯିଏ ଯେତେ ଦୁଃଖରେ ଥିଲେ ମଧ୍ୟ ଏହି ସ୍ଥାନ ପରିଦର୍ଶନ କରିବା ପରେ ଦୁଃଖ ଲାଘବ ହୋଇଥାଏ। ପ୍ରଶସ୍ତ ଖୋଲା ସ୍ଥାନ, କାଠଜାଳେଣି, ପାଣିର ସୁବିଧା ଦୃଷ୍ଟିରୁ ରୋଷେଇ କରିବାର କୌଣସି ଅସୁବିଧା ହୋଇନଥାଏ। ହସ୍ତୀ ମାନେ ଦଳଦଳ ହୋଇ ଯାତାୟତ କରିବା ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥାଏ। ଏଠାରେ ମଧ୍ୟ ବୋଟିଂ କରିବାର ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକ ମାନେ ଏହାକୁ ବେଶ ଉପଭୋଗ କରିଥାନ୍ତି। ଜଳଭଣ୍ଡାର ଉପରମୁଣ୍ଡ ଆଡକୁ ପ୍ରାୟ ୫ କିମି ରାସ୍ତା ଗଲେ ମଲ୍ଲୀପଶି, ପିତାପଶି, ପତାନାଇ ଆଦି ଗ୍ରାମ ପଡେ। ଏହି ଗ୍ରାମକୁ ପର୍ଯ୍ୟଟକମାନେ ବୋଟିଂ ଆଳରେ ବୁଲିବା ପାଇଁ ଯାଇଥାନ୍ତି। ଏହି ଗ୍ରାମ ଗୁଡିକ ଦ୍ୱୀପପୁଞ୍ଜ ପରି ଦୃଶ୍ୟ ମାନ ହୋଇଥାଏ। ସୂର୍ଯ୍ୟାସ୍ତ ପୂର୍ବରୁ ପ୍ରାକୃତିକ ମନୋରମ ଦୃଶ୍ୟ ଦେଖିବାକୁ ଏଠାରେ ମିଳିଥାଏ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ହଜାର ହଜାର ହେକ୍ଟର ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ପ୍ରଚେଷ୍ଟାରେ ଏହି ହଦଗଡ଼ ଡ୍ୟାମ୍ ପ୍ରତିଷ୍ଠା ହୋଇପାରିଥିଲା। ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ ଏହି ପର୍ଯ୍ୟଟନସ୍ଥଳୀ ପ୍ରତି ବୈମାତୃକ ମନୋଭାବକୁ ପୋଷଣ କରୁଥିବା ଦେଇ ସାଧାରଣରେ ଅଭିଯୋଗ ହେଉଛି। ଯଦି ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ରାତ୍ରିଯାପନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି ହୋଇପାରନ୍ତା ତା'ହେଲେ ବହୁ ପର୍ଯ୍ୟଟକ ଏହି ସ୍ଥାନ ପ୍ରତି ଅଧିକ ଆକୃଷ୍ଟ ହୋଇପାରନ୍ତେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତପୋଷଣ କରିଛନ୍ତି।

ସେହିପରି କେଉଁ ଆବାହନ କାଳରୁ ହାଟଡିହୀ ବ୍ଲକ ଜମ୍ବିରା ପଞ୍ଚାୟତ ଅଧୀନ ତିନୋଟି ପାହାଡ଼ର ମଝିରେ ପୂଜା ପାଉଛନ୍ତି ମା'ଗଡ଼ଚଣ୍ଡୀ। ଉକ୍ତ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୯୭୮ ମସିହାରେ ଏହି ଅଞ୍ଚଳର ବରିଷ୍ଠ ବ୍ୟକ୍ତି ଓ କିଛି ଉତ୍ସାହି ଯୁବକଙ୍କୁ ନେଇ 'ଗଡ଼ଚଣ୍ଡି ଯୁବ ପରିଷଦ' ଗଠନ କରାଯାଇ ପୀଠର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପ୍ରତିପାଦନ କରାଯାଉଅଛି। କିଛି ବଦାନ୍ୟ ବ୍ୟକ୍ତି, ପରିଷଦର କର୍ମକର୍ତ୍ତା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଉକ୍ତ ପୀଠକୁ ରାସ୍ତା ଓ ପାନ୍ଥଶାଳା ଆଦି ନିର୍ମାଣ କରାଯାଇଛି। ଡିସେମ୍ବର ମଧ୍ୟଭାଗରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମା'ଙ୍କ ପୀଠରେ ପର୍ଯ୍ୟଟକଙ୍କର ଭିଡ଼ ଲାଗିରହିଥାଏ। ପ୍ରକୃତିର ସୃଷ୍ଟି ଓ ପ୍ରାକୃତିକ ପରିବେଶକୁ ନେଇ ଗଢିଉଠିଥିବା ମା'ଙ୍କ ଏହି ପୀଠରେ ନୂତନ ବର୍ଷକୁ ସରସ ସୁନ୍ଦର କରିବା ଆଶାରେ ବହୁ ପର୍ଯ୍ୟଟକ ବଣଭୋଜି କରିବା ପାଇଁ ଏଠାରେ ଏକତ୍ରିତ ହୋଇଥାନ୍ତି। ୧୯୯୮ ମସିହାରେ ଏହା ଏକ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଲାଭ କରିଥିଲା। ଏଣୁ ସରକାର ଏହି ପୀଠ ପାଇଁ କିଛି ଉନ୍ନତି ମୂଳକ ପଦକ୍ଷେପ ନେଲେ ଏହା ଏକ ସୁନ୍ଦର ପର୍ଯ୍ୟଟନସ୍ଥଳିରେ ପରିଣତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ଦାବି କରନ୍ତି।

## ବାଲୁକା ଶିଳ୍ପୀ ସନ୍ତୋଷଙ୍କୁ ସମ୍ବର୍ଦ୍ଧନା



**ସୁକିନ୍ଦା ୮ ।୧୨(ସମିସ):** ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ କଳା ପ୍ରଦର୍ଶନ କରି ସମ୍ମାନିତ ହୋଇଥିବା ଶିଳ୍ପୀ ସନ୍ତୋଷ ପ୍ରଧାନଙ୍କୁ ନିଜ ଜନ୍ମଭୂମି ହରିପୁରରେ ସମ୍ବର୍ଦ୍ଧନା ଦିଆଯାଇଛି । ଗତ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ବେଳା ଭୂମିରେ ଅନୁଷ୍ଠିତ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ଭାରତ ସମେତ ବିଭିନ୍ନ ଦେଶର ବାଲୁକା ଶିଳ୍ପୀ ନିଜର ବାଲୁକା କଳାକୃତି ପ୍ରଦର୍ଶନ କରିଥିଲେ। ସେହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମ ସନ୍ତୋଷ କୁମାର ପ୍ରଧାନ ନିଜର ଅନେକ କଳାକୃତି ପ୍ରଦର୍ଶନ କରି ସମ୍ମାନିତ ହେବା ସହ ସୁକିନ୍ଦା ଅଞ୍ଚଳ ପାଇ ଗୌରବ ଆଣିଛନ୍ତି । ଚନ୍ଦ୍ରଭାଗାରୁ ଫେରିବା ପରେ ସନ୍ତୋଷଙ୍କୁ ହରିପୁର ମା'ପଠାଣିଆଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସନ୍ତୋଷଙ୍କ ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଯୋଗକୁ ବାଧ୍ୟତାମୂଳକ କରିବାକୁ ଦାବି

**କୁଆଖିଆ, ୮।୧୨(ସମିସ):** ସରକାରଙ୍କ ନୂତନ ଶିକ୍ଷାନୀତି ଆଧାରରେ ଯୋଗକୁ ଶିକ୍ଷାନୁଷ୍ଠାନମାନଙ୍କରେ ଏକ ବାଧ୍ୟତାମୂଳକ ଶିକ୍ଷା ଭାବରେ ଗ୍ରହଣ କରାଯାଉ ବୋଲି ଓଡ଼ିଶା ରାଜ୍ୟ ଯୋଗ ଚିକିତ୍ସକ ସଂଘର ସଭାପତି ଡ.ବନମାଳୀ ରଥ ଦାବି କରିଛନ୍ତି । ସେ ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏକ ଲିଖିତ ଦାବିପତ୍ର ଜରିଆରେ ନିବେଦନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଜରିଆରେ ଅଭିଯୋଗ ଜଣାଇଛନ୍ତି । ଶୈଶବ ବୟସରୁ ଯୋଗଭ୍ୟାସ କରିବା ନେଇ ଶିକ୍ଷା ପ୍ରଦାନ କରିବା ସହ ବିଦ୍ୟାଳୟମାନଙ୍କରେ ଜଣେ ଯୋଗ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ବିଦ୍ୟାର୍ଥୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଓ ତାର ଉପକାରିତା ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି କରାଯାଇଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ପାଣିକୋଇଲି, ୮ ।୧୨(ସମିସ):** ଗୋଲେଇପୁର ପଞ୍ଚାୟତର ସୋତି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟମଣି ସ୍ୱାଇଁଙ୍କର (୭୬)ଙ୍କର ଶୁକ୍ରବାର ସଂଧ୍ୟାରେ ଯାଜପୁର ରୋଡ୍ ଠାରେ ହୃଦଘାତରେ ପରଲୋକ ଘଟିଛି । ତାଙ୍କର ମୃତ ଶରୀରକୁ ସୋତିସ୍ଥିତ ପୈତୃକ ବାସଭବନକୁ ଅଣାଯିବା ପରେ ଗ୍ରାମ୍ୟ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଥିଲା । ଶବାଧାରରେ ସାନଭାଇ ଚନ୍ଦ୍ରମଣୀ, ନୀଳମଣୀ. ଚକ୍ରଧରଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଅଦୈତ୍ୟ କୁମାର ଦାଶ, ଉମାକାନ୍ତ ଖଣ୍ଡାଇ, ଗୋଲେଇପୁର ସରପଞ୍ଚ ସସ୍ମିତା ମାଝୀ, ଲକ୍ଷ୍ମୀଧର କରଣ, ପ୍ରଫୁଲ୍ଲ ମାଝୀ, ହରେକୃଷ୍ଣ ସାହୁ, କୃତ୍ତିବାସ ଖଣ୍ଡାଇ, ବଟକୃଷ୍ଣ ମହାପାତ୍ର ଓ ଅନାମ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ ।

## ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ସିଂହପୁର ୮ ।୧୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ବରିଷ୍ଠ ସମାଜସେବୀ ରବୀନ୍ଦ୍ର ଧଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ୱର୍ଗତ ଧଳଙ୍କ କର୍ମମୟ ଜୀବନ ସମ୍ପର୍କରେ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳ ସାରସ୍ୱତ ୧୭ ଜଣ ବ୍ୟକ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା ।

## ଭୋଟକା ପଞ୍ଚାୟତରେ ବାଲ୍‌ସଭା



**କୁଆଖିଆ, ୮ ।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ବାଲ୍ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଭିନ୍ନ ବିଭାଗର ସମ୍ବଳ ଅଧିକାରୀମାନେ ଯୋଗଦେଇ ବାଳିକାବାଳକମାନଙ୍କ ଅଧିକାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ବଳ ଅଧିକାରୀ ଭାବରେ ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ରବୀନ୍ଦ୍ର କୁମାର ସେଠୀ, ସାମାଜିକ କର୍ମୀ ମଣ୍ଟୁ ଦାସ, ନାଏବ ସରପଞ୍ଚ କେଦାର କୁମାର ଦେଓ, ଏମ୍‌ବିକେ ସସ୍ମିତା ଆଏଚ, ପିଇଓ ଅକ୍ଷୟ କୁମାର ସାମଲ ପ୍ରମୁଖ ଯୋଗଦେଇ ବାଲ୍‌ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏଡିଇଓ ରୁକ୍ମଣୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯାଜପୁରରୋଡ- ଧାମରା ରେଳପଥ ସଂଗ୍ରାମ ସମିତି ବୈଠକ

# ସଂଗ୍ରାମକୁ ରାଜ୍ୟସ୍ତରୀୟ ରୂପ ଦିଆଯିବାକୁ ନିଷ୍ପତ୍ତି

ଯାଜପୁର, ୮ ।୧୨(ସମିସ)



ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପର ଦାବି ହାସଲ ପାଇଁ ସଂଗ୍ରାମ ସମିତିର ଆନ୍ଦୋଳନ ଓ ଅଭିଯାନ ଫଳରେ ଏହାର ଚୂଡ଼ାନ୍ତ ସର୍ଭେ କରାଯାଇ ରେଳବାଇ ବୋର୍ଡ ପାଖରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ସମ୍ପ୍ରତି ରେଳବାଇ ବୋର୍ଡ ପକ୍ଷରୁ ଏହି ରିପୋର୍ଟର ପର୍ଯ୍ୟାଲୋଚନା ପର୍ବ ଶେଷ ହୋଇଛି । ଏବେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସରକାର ଓ ତାଙ୍କ ଅଧୀନସ୍ଥ ନୀତି ଆୟୋଗ ଓ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଉପରେ ନିର୍ଭର କରୁଛି । ଏ ପରିସ୍ଥିତିରେ ପ୍ରକଳ୍ପ ମଞ୍ଜୁରି ଓ ନିର୍ମାଣର ଦାବି ହାସଲ ପାଇଁ ସଂଗ୍ରାମକୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟରେ ସୀମିତ ନ ରଖି ଏହାକୁ ରାଜ୍ୟସ୍ତରୀୟ ଆନ୍ଦୋଳନର ରୂପ ଦେବାକୁ ଆଜି ନିଷ୍ପତ୍ତି ନିଆଯାଇଛି ।

ସ୍ଥାନୀୟ ମିଶନ ଶକ୍ତି ଭବନ ରେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି । ଏଥିପାଇଁ ଆଗାମୀ ଦିନରେ ଓଡ଼ିଶା ବିଧାନସଭାର ରେଳ ବିକାଶ ସଂକ୍ରାନ୍ତିୟ ଗୃହ କମିଟିର ଅଧ୍ୟକ୍ଷ (ବାଚସ୍ପତି)ଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ଓ ଅନ୍ୟାନ୍ୟ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ସଂଗ୍ରାମ ସମିତିର ପ୍ରତିନିଧି ଦଳ ସାକ୍ଷାତ କରି ପ୍ରକଳ୍ପକୁ ତୁରନ୍ତ ମଞ୍ଜୁରି ପ୍ରଦାନ ସହ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ଜଣାଇ କେନ୍ଦ୍ର ସରକାର ଓ ରେଳମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖିବା ପାଇଁ ସେମାନଙ୍କୁ ଅନୁରୋଧ ଜଣାଯିବ । ଏଥିସହିତ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ମଧ୍ୟ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏଥିସହିତ ଆସନ୍ତା ଜାନୁଆରୀ ମାସରେ ରେଳ ପ୍ରକଳ୍ପ ଦାବି କରି ଯାଜପୁର, ମଙ୍ଗଳପୁର, ନନ୍ଦୀପୁର, ଆରଡି, ଚାନ୍ଦବାଲି, ଧାମରା ଓ ଯାଜପୁର ରୋଡରେ ସମାବେଶ କରାଯିବ । ଆସନ୍ତା କେନ୍ଦ୍ର ବଜେଟରେ ଯଦି ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ କରା ନ ଯାଏ, ତେବେ ସଂଗ୍ରାମ ସମିତି ପକ୍ଷରୁ ଜନଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଆଜିର ଏହି ବୈଠକରେ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ମଳୟ ପଣ୍ଡା, ସତ୍ୟପ୍ରକାଶ ବେହୁରିଆ, ଦିଲ୍ଲୀପ ଦଲାଇ, ଦେବେନ୍ଦ୍ର ନାୟକ, ଦିବ୍ୟସିଂହ ନାୟକ, କାଳୀପ୍ରସାଦ ନାୟକ, ପ୍ରଫୁଲ୍ଲ ନାୟକ, ଧନଞ୍ଜୟ ରାଉତରାୟ, ସୁରେନ୍ଦ୍ର ରାୟ, ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ରାଧାନାଥ ଦାସ, ହରିଶଚନ୍ଦ୍ର ପଣ୍ଡା, ଭାଗୀରଥୀ ସାହୁ, ବିଜୟ ନାୟକ, ଡାକ୍ତର ନିର୍ମଳ ରଥ, ଗଣେଶ ସାହୁ, ରବୀନ୍ଦ୍ର ପହି, ସୁରେଶ ସାହୁ ଓ ମାଧବ କୁଣ୍ଡ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯାଜପୁରର ପୂର୍ବତନ ସାଂସଦ ଅଞ୍ଚଳ ଦାସ ଆଭାସୀ ଜରିଆରେ ତାଙ୍କ ସମର୍ଥନ ପ୍ରକାଶ କରିଥିଲେ । ସଂଗ୍ରାମ ସମିତିର କୋଷାଧ୍ୟକ୍ଷ ଦେବବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବଳଭଦ୍ରପୁରରେ କୁରାଳ ପଞ୍ଚମୀ ପୂଜା



**କବାଟବନ୍ଧ, ୮।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମରେ ୫ ଦିନ ବ୍ୟାପୀ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହେଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ପୂଜା କରାଯାଉଛି । ମଙ୍ଗଳବାର ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବ । ଗ୍ରାମବାସୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରି ଗ୍ରାମ ପୋଖରୀରୁ କଳସ ଯାତ୍ରା କରି ପୂଜା ମଣ୍ଡପ ନିକଟକୁ ଅଣାଯାଇଥିଲା । ସୁଭାଧିବାସ, ଚକ୍ରପୂଜା, ପାର୍ବଣ ଷଷ୍ଠୀ, ସୂର୍ଯ୍ୟପୂଜା, ଗୋପୂଜା, ବେଦପାଠ, ଗାୟତ୍ରୀ ଯଜ୍ଞ ଆଦି କରାଯାଉଛି । କବାଟବନ୍ଧ ଅଞ୍ଚଳର ଗୋବିନ୍ଦପୁର, କବାଟବନ୍ଧ, ପାଟପୁର, ଚଉଷଠିପଡ଼ା ସମେତ ଆଖପାଖ ଅଞ୍ଚଳରେ କୁରାଳ ପଞ୍ଚମୀ ପାଳନ କରାଯାଉଛି ।

## ଜୈବ ବିବିଧତା ପାର୍କରେ ବଢୁଛି ଭିଡ଼, ପୁଲିସ ପାଟ୍ରୋଲିଂ ଦାବି



**ଟମକା, ୮।୧୨(ସମିସ):** ଦାନଗଦି ବ୍ଲକର କିଆଝର ପଞ୍ଚାୟତର ଚମ୍ପାଝର ବୁଗୁଡି ଗ୍ରାମ ପାଖରେ ଥିବା ପ୍ରାକୃତିକ ଶୋଭାବର୍ଦ୍ଧନ କରୁଥିବା ଟମକା ପାହାଡ଼ ପାଦଦେଶରେ ଚିରସ୍ରୋତା ଗଣ୍ଡାନାଳ ପାଖରେ ଜୈବ ବିବିଧତା ପାର୍କର ସୌନ୍ଦର୍ଯ୍ୟ ଦେଖିବା ପାଇଁ ଡିସେମ୍ବର ଆରମ୍ଭରୁ ଜିଲ୍ଲା ବାହାରୁ ବହୁ ସଂଖ୍ୟାକ ପର୍ଯ୍ୟଟକ ଆସୁଥିବା ଜଣାପଡ଼ିଛି । ପାର୍କ ବୁଲି ମଜା ନେବା ପରେ ଶାଗୁଆନ ଗଛବଣ ପାଖରେ ଚରଚରି ମଣ୍ଡପରେ ଭୋଜିର ଆୟୋଜନ କରୁଛନ୍ତି । ଏବେଠାରୁ ନବବର୍ଷ ୨୦୨୫କୁ ସ୍ୱାଗତ କଲେଣି । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଜନସମାଗମ ଦେଖିବାକୁ ମିଳୁଛି । ସାଧାରଣତଃ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପାଟ୍ରୋଲିଂକୁ କଡ଼ାକଡ଼ି କରିବାର ଆବଶ୍ୟକ ଅଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଆସନ୍ତା ୨୫ରେ ବଡଦିନ ଓ ନୂଆବର୍ଷରେ ଆଇନଶୃଙ୍ଖଳା ସୃଷ୍ଟି ନ ହେବା ପାଇଁ ଅଧିକ ପୁଲିସ୍ ମୁତୟନ କରିବା ପାଇଁ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିର କର୍ମକର୍ତ୍ତା ଦାବି କରିଛନ୍ତି ।

## ସ୍ୱାସ୍ଥ୍ୟ ମେଳା ଓ ସଚେତନତା କାର୍ଯ୍ୟକ୍ରମ

**କବାଟବନ୍ଧ, ୮।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧିନ ଚମ୍ପିତ୍ରା ପାଟଣାସ୍ଥ ଅନନ୍ତ ଗୋପାଳ ଆଶ୍ରମ ପ୍ରାଙ୍ଗଣରେ ରାହାସ ମହୋତ୍ସବ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟମେଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନନ୍ତ ଗୋପାଳ ଆଶ୍ରମ କମିଟିର ଯୁବ ସଭାପତି ଲଳିତ ମୋହନ ପ୍ରଧାନ ଏବଂ ଯୁବ ସମ୍ପାଦକ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ସାମାଜିକ ମେଗା ସ୍ୱାସ୍ଥ୍ୟ ମେଳା ଏବଂ ସଚେତନତା କାର୍ଯ୍ୟକ୍ରମ ଟାଟା ଷ୍ଟିଲ ମେଡିକା ହସ୍ପିଟାଲ କଳିଙ୍ଗ ନଗର ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟାଟା ମେଡିକାଲର ଡାକ୍ତର ଅଭିଷେକଙ୍କ ସହଯୋଗେ ବିଶ୍ୱଜିତ୍ ବେହେରା ଏବଂ ସମସ୍ତ ମେଡିକାଲ୍ ଟିମ୍ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳର ୨୦୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିଶୁଳ୍କ ଔଷଧ ପ୍ରଦାନ କରିବା ସହିତ ବିଭିନ୍ନ ରୋଗ ବିଷୟରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ କବାଟବନ୍ଧ ମେଡିକାଲ୍ ଅଫିସର ଡାକ୍ତର ନିହାର ରଞ୍ଜନ କର, ଗ୍ରାମ ମୁଖ୍ୟ ଗୋବର୍ଦ୍ଧନ ପ୍ରଧାନ, ଉପଦେଷ୍ଟା ଭଗବାନ ପ୍ରଧାନ ଏବଂ କମିଟି ମେମ୍ବର ଯଥା ଗୋପାଳ ପ୍ରସାଦ, ଦିଲୀପ ପ୍ରଧାନ, ରାହାସ ପ୍ରଧାନ, ଅକ୍ଷୟ ମହାରଣା, ବିକାଶ ପ୍ରଧାନ, ଭରତ ପ୍ରଧାନ, ଶତ୍ରୁଘ୍ନ ବାରିକ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ସାହିତ୍ୟିକା ରୀନା ମହାପାତ୍ରଙ୍କ ସ୍ମୃତିସଭା

**ବ୍ୟାସନଗର, ୮ ।୧୨(ସମିସ):** ବ୍ୟାସନଗର ସହରସ୍ଥ ସଂସ୍କୃତି ଭବନ ପରିସରରେ ଡଃ ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କବି ତଥା ଅଧାପିକା ରୀନା ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ବରିଷ୍ଠ କବି ବିଦ୍ୟୁତଲତା ଦାଶ, ଡକ୍ଟର ସୁବନା ପାଢ଼ୀ, ଡକ୍ଟର ଅରୁଣ କୁମାର ଦାଶ, ପ୍ରାଧ୍ୟାପକ ହିମାଂଶୁ ଶେଖର ଦ୍ୱିବେଦୀ, ଡାକ୍ତର ପ୍ରଶାନ୍ତ କୁମାର ଦାସ, ପ୍ରାକ୍ତନ ପୌରାଧ୍ୟକ୍ଷା ସବିତା ରାଉତ, ସମାଜସେବୀ ରତିରଞ୍ଜନ ବରାଳ ପ୍ରମୁଖ ଯୋଗଦାନ କରି କହିଥିଲେ, କବି ରୀନା ମହାପାତ୍ର ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ତାଙ୍କର ସୃଷ୍ଟି ଯୋଗୁଁ ସେ ସମସ୍ତଙ୍କ ହୃଦୟରେ କାଳଜୟୀ ହୋଇ ସବୁଦିନ ପାଇଁ ରହିବେ । ଏ ଅବସରରେ ଅତିଥିମାନେ ସ୍ମରଣିକା 'ସ୍ମୃତିରେ ରୀନା ମହାପାତ୍ର'କୁ ଲୋକାର୍ପଣ କରିଥିଲେ । ଇଂ ନନ୍ଦ ମହାନ୍ତି, ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ପ୍ରଭାତୀ ରାଉତ, ପଣ୍ଡିତ ଅକ୍ଷୟ ଦାଶ, ପ୍ରଭାତ ସିହ୍ନା ସ୍ୱର୍ଗତ କବୀଙ୍କର ସୃଷ୍ଟି ସମ୍ଭାର ଉପରେ ଆଲୋଚନା କରିଥିଲେ । କବି ଦୟାନିଧି ନାୟକ ମଞ୍ଚ ପରିଚାଳନା ଓ ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଦଳୀୟ କାର୍ଯ୍ୟାଳୟ



**ବଡ଼ଚଣା, ୮।୧୨(ସମିସ):** ପଞ୍ଚାୟତର ବିକାଶ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରାଯାଉଛି । ଏହାର ଉଦାହରଣ ହେଲା ଶୁଙ୍ଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ । ଗତ ୬ ତାରିଖ ରାତି ୮ଟା ସମୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏକ ନିର୍ଦ୍ଦିଷ୍ଟ ଦଳର 'ଆମ ବୁଥ ମଜବୁତ' ଦଳୀୟ ବ୍ୟାନର ସହ ବୈଠକ ଅନୁଷ୍ଠିତ ହେବା ସହ ଦଳୀୟ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ସରକାରୀ କାର୍ଯ୍ୟାଳୟରେ କୌଣସି ଦଳୀୟ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ସରକାରୀ ଆଇନ୍ ଥିବା ବେଳେ ଏହା କିପରି ହେଲା ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି । ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ଜଣେ ମହିଳା ହୋଇଥିବା ବେଳେ ତାଙ୍କ ସ୍ୱାମୀ ସରକାରୀ କାର୍ଯ୍ୟାଳୟରେ ହସ୍ତକ୍ଷେପ କରୁଛନ୍ତି । ଫଳରେ ଦୀର୍ଘଦିନ ହେଲା ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି । ଏସମ୍ପର୍କରେ ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ମାନେ କମିସନର ପଞ୍ଚାୟତରାଜ, ଜିଲ୍ଲାପାଳ, ଯାଜପୁର, ଉପଜିଲ୍ଲାପାଳ ଯାଜପୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ, ବିଡ଼ିଓ ବଡ଼ଚଣାଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

## ଛାତ୍ରଛାତ୍ରୀଙ୍କୁ ଚିତ୍ରାଙ୍କନ ସାମଗ୍ରୀ ବଣ୍ଟନ



**ଦାନଗଦି, ୮ ।୧୨(ସମିସ):** ନୀଳାଚଳଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଟିମ୍ ଦ୍ୱାରା ଶାଳୀଜଙ୍ଗା ପଞ୍ଚାୟତ ବଜରପଲି ଗ୍ରାମର ଟିଏସ୍‌ଏଫ୍ ଆଦିବାସୀ ଭାଷା କେନ୍ଦ୍ରରେ ଶନିବାର ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଦିବାସୀ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଥିଲା । ଏନ୍‌ଆଇଏନ୍‌ଏଲ୍‌ର ସ୍ୱେଚ୍ଛାସେବୀମାନେ ଆଦିବାସୀ ଭାଷା କ୍ଲାସର ପିଲାମାନଙ୍କ ସହିତ ଅଲଚିକି ଏବଂ ବାରଙ୍ଗ ଚିଟି ଭାଷା ବିଷୟରେ ଆଲୋଚନା କରିଥିଲେ । ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ପିଲାମାନଙ୍କୁ ଚିତ୍ରାଙ୍କନ ଖାତା ଏବଂ ବିଭିନ୍ନ ରଙ୍ଗର ପେନସିଲ ପ୍ରଦାନ କରି ସୌରା ଚିତ୍ରକଳା ତିଆରି କରିବାକୁ ଉତ୍ସାହିତ କରିଥିଲେ ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ



**ବରୀ, ୮।୧୨(ସମିସ):** ସଞ୍ଜିବ ସେନା ପକ୍ଷରୁ ଯଯାତି କେଶରୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ । ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଧାରପୁର ଛକ ନିକଟ କଚେରି ପଡ଼ିଆରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ସଞ୍ଜିବ ସେନାର ନିର୍ଦ୍ଦେଶକ ସଞ୍ଜିବ କୁମାର ଜେନା ଓ ସେନାର କର୍ମକର୍ତ୍ତା ରବିବାର ଅପରାହ୍ନରେ କଚେରି ପଡ଼ିଆ ପରିଦର୍ଶନ କରିଥିବାବେଳେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି କ୍ରୀଡ଼ା ପ୍ରତିଯୋଗିତା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେ ନେଇ ଶ୍ରୀ ଜେନା ବିସ୍ତୃତ ଆଲୋଚନା କରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହଯୋଗ ଲୋଡିଛନ୍ତି । ତାଙ୍କ ସହିତ ଗୁରୁଚରଣ ଦାସ, କ୍ଷୀରୋଦ ଜେନା, ହର୍ଷବର୍ଦ୍ଧନ ଜେନା, ସଞ୍ଜୟ ଜେନା, ଗିରିନ୍ଦ୍ର ପତି, ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ଅବସରରେ ଅଞ୍ଚଳର ବୟୋଜ୍ୟେଷ୍ଠ ଭଲିବଲ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେନା ପକ୍ଷରୁ କୁହାଯାଇଛି ।

## ଦୁର୍ଘଟଣାରେ ୪ ଗୁରୁତର

**ସୁକିନ୍ଦା, ୮।୧୨(ସମିସ):** ସୁକିନ୍ଦା ହାତୀବାରି ରାସ୍ତାର ଆମ୍ବଲବା ଛକ ନିକଟରେ ଦୁର୍ଘଟଣା ଘଟି ଚାରିଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି । ରବିବାର ଦିନ ଆମ୍ବଲବା ଯିବା ରାସ୍ତାରେ ଧାନକଟା ମେସିନ ଓ ସ୍କର୍ପିଓ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସ୍କର୍ପିଓ ଡ୍ରାଇଭର ଜାମୁପଶି ଗ୍ରାମର ବିଶ୍ୱଜିତ ଜେନା, ଧାନକଟା ମେସିନରେ ବସିଥିବା ସମ୍ବଲପୁର ଅଞ୍ଚଳର ରତନ ମେହେର, ସୌଦାଗର ମେହେର ଓ ପିଣ୍ଟୁ ରୋହିଦାସ ଗୁରୁତର ଆହତ ହୋଇଥିଲେ । ସୂଚନା ପାଇ ସୁକିନ୍ଦା ଦମକଳ ବାହିନୀ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକଟିମ୍ ଘଟଣାସ୍ଥଳରୁ ସମସ୍ତଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି ।

### ଆମ୍ବେଦକର କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମିର୍ଜାପୁରକୁ ହରାଇ କଣ୍ଟିଗଡ଼ିଆ ଚାମ୍ପିଅନ୍

ଜାରକା, ୮।୧୨(ସମିସ)



ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡ଼ିଆରେ ଆମ୍ବେଦକର କ୍ଲବ୍ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ମିର୍ଜାପୁର ଟିମକୁ ୬ ୱିକେଟରେ ପରାସ୍ତ କରି କଣ୍ଟିଗଡ଼ିଆ ଟିମ୍ ଚାମ୍ପିଅନ ହୋଇଛି । ଏହି ମ୍ୟାଚ୍‌ରେ ମିର୍ଜାପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪ ଓଭରରେ ୭ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା । ଜବାବରେ କଣ୍ଟିଗଡ଼ିଆ ଟିମ ୧୨ ଓଭରରେ ୪ ୱିକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ବାବନି ସର୍ବାଧିକ ୬୭ ରନ ଓ ଜେ.କେ. ରାୟ ୬୦ ରନ କରିଥିଲେ । ବିପକ୍ଷ ମିର୍ଜାପୁର ଟିମର କାଲୁ ୩ଟି ୱିକେଟ ଅକ୍ତିଆର କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବଛାବଛା ୧୬ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌କୁ ସୁରଜ ବେହେରା ଓ ଦୀପକ ମହାନ୍ତି ପରିଚାଳନା କରିଥିଲେ ।

ମୁନାଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସମିତି ସଭ୍ୟ ପ୍ରିୟବ୍ରତ ପ୍ରଧାନ, ନାଏବ ସରପଞ୍ଚ ପ୍ରମିଳା ମହାନ୍ତି, ଯୁବ ସଂଗଠକ ସୌମ୍ୟ ପ୍ରକାଶ ବିଶ୍ୱାଳ, ଜଗଦାନନ୍ଦ ରାଉତ, ମଦନ ମୋହନ ନାୟକ, କ୍ଷିତୀଶ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ଜାନୁଆରୀ ୭ରୁ ଧାନ କିଣା

# ୧୨୭ଟି ପାକ୍ସ, ୩୫ଟି ଏସ୍ଏଚ୍ଜି ସାମିଲ୍




**ଯାଜପୁର, ୮ ।୧୨(ସମିସ)**

ଆଜି ଅପରାହ୍ନରେ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଖରିଫ୍ ବର୍ଷ ୨୦୨୪-୨୫ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ ଯୋଗଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ସ୍ୱାଗତ ଭାଷଣ ଦେଇଥିଲେ। ଆସନ୍ତା ଜାନୁଆରୀ ୭ ତାରିଖରେ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଯାଜପୁର ଜିଲ୍ଲାରେ ୫୩, ୧୭୯ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୧୨୭ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ୩୫ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଧାନ ସଂଗ୍ରହ କରାଯିବ।

ଚଳିତବର୍ଷ ଏମ୍ଏସପି ବୃଦ୍ଧି କରାଯାଉଥିବାରୁ ଧାନ ସଂଗ୍ରହ ବୃଦ୍ଧି ପାଇବ ବୋଲି ବିଧାୟକମାନେ ମତପୋଷଣ କରିଥିଲେ। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରି କହିଲେ, ସରକାର ଚାଷୀଙ୍କଠାରୁ ଧାନ ସଂଗ୍ରହ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ କରିବେ। ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି। ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪/୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍ଏକ୍ୟୁର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଗ୍ରେଡ-ଏ ମୂଲ୍ୟ ୨୩୨୦ ଟଙ୍କା ରଖାଯାଇଛି। ଏଥିସହ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ସହାୟତା ସହ ସର୍ବମୋଟ ୩୧୦୦ ଟଙ୍କା ହେବ। ପ୍ରତ୍ୟେକ ମଣ୍ଡିରେ ଗୁଣାତ୍ମକମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ରହିଛି। ଧାନର ମାନ ନିରୀକ୍ଷଣ କରିବା ପାଇଁ ଗ୍ରେନ୍ ଆନାଲାଇଜର ଓ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ରର ବ୍ୟବସ୍ଥା ହୋଇଛି। ବାହାର ଜିଲ୍ଲା କିମ୍ବା ଆନ୍ତଃରାଜ୍ୟ ଧାନ ବିକ୍ରି ରୋକିବା ପାଇଁ ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ଗ୍ରହଣ କରିବେ। ଧାନର ମାନ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଜିଲ୍ଲାରେ ୫୦ଟି ପାକ୍ସର ଗୋଦାମ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି। ଚାଷୀ ଯେପରି କଟନୀ ଛଟନୀର ଶିକାର ନ ହେବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବିଧାୟକ ଓ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥଲେ। ଚଳିତ ବର୍ଷ ଜିଲ୍ଲାରେ ଚାଷୀଙ୍କଠାରୁ ୧୫ ଲକ୍ଷ ୭୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ। ବରୀ ଓ ରସୁଲପୁର ବ୍ଲକରେ ଚାଷୀ ପଞ୍ଜିକରଣ କମ୍ ଥିବାରୁ ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟକ/ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଧାନରେ କଟନୀ ଛଟନୀ ହେଲେ କର୍ମଚାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲ୍ଲା ଧାନ ସଂଗ୍ରହ କମିଟିର ସଦସ୍ୟ, ଚାଷୀ ପ୍ରତିନିଧି, ମିଲର, ଯୋଗାଣ ଓ ସମବାୟ ବିଭାଗର କର୍ମକର୍ତ୍ତା ପାକ୍ସ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୁକିନ୍ଦା ଟସର ଫାର୍ମ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ



**ସୁକିନ୍ଦା, ୮ ।୧୨(ସମିସ):** ଏସିଆ ମହାଦେଶର ସର୍ବବୃହତ ସୁକିନ୍ଦା ଟସର ଫାର୍ମର ଉନ୍ନତି ପାଇଁ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ରବିବାର ଫାର୍ମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାର୍ମର ଉନ୍ନତି ପାଇଁ ଅଧିକ ଅଶନ, ଅର୍ଜୁନ ବୃକ୍ଷ ରୋପଣ କରିବା, ଚାଷୀଙ୍କୁ ଆବଶ୍ୟକୀୟ ସହାୟକ ମୂଲ୍ୟ ଦେବା, ଦୈବ ଦୁର୍ବିପାକରେ କ୍ଷତି ସହୁଥିବା ଟସର ଚାଷୀଙ୍କୁ ସହାୟତା କରିବା ଓ ଟସର ସଂରକ୍ଷଣ ପାଇଁ ଆବଶ୍ୟକୀୟ ଗୋଦାମ ଗୃହ ନିର୍ମାଣ କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଛି। ଏହି ବୈଠକରେ ରେଶମ ଶିଳ୍ପ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ, ହସ୍ତତନ୍ତ ବିଭାଗ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଢେଙ୍କାନାଳ ଗୌରଚନ୍ଦ୍ର ନାୟକ, ପିଡିଡିଆରଡିଏ ଯାଜପୁର ଅଶୋକ କୁମାର ବେହୁରିଆ, ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଫାର୍ମ ଓ ଚାଷୀଙ୍କ ଉନ୍ନତି ସମ୍ବନ୍ଧୀୟ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଏହି ବୈଠକରେ ଫାର୍ମର ସମସ୍ତ କର୍ମଚାରୀ ଓ ଶତାଧିକ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ଥିଲେ।

## ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ଶିବିର



**ଗଡ଼ମଧୁପୁର, ୮ ।୧୨(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଭବାନୀପୁର ପଞ୍ଚାୟତରେ ଆଜି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ହାଇଟେକ ମେଡିକାଲ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ବିଧାୟକଙ୍କ ପ୍ରତିନିଧି ଶୀତାଂଶୁ ଶେଖର ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ସମାଜସେବୀ ଶ୍ରୀକାନ୍ତ ସାହୁ, ତୀର୍ଥରାଜ ପଣ୍ଡା, ରାଜେଶ କୁମାର ପାଳ, ଆଲୋକ ଲେଙ୍କା, ଆୟୁଷ୍ମାନ ପ୍ରିୟଦର୍ଶନ ଯୋଗଦେଇଥିଲେ। ଏହି ଶିବିରରେ ହାଇଟେକ ମେଡିକାଲର ଅଭିଜ୍ଞ ଡାକ୍ତର ଯୋଗଦେଇ ଚର୍ମ, ମଧୁମେହ, ରକ୍ତଚାପ, ଶିଶୁରୋଗ ଓ ଭେଷଜ ବିଭାଗ ରୋଗୀଙ୍କୁ ଚିକିତ୍ସା କରିଥିଲେ। ପରୀକ୍ଷା କରାଯାଇଥିବା ରୋଗୀଙ୍କୁ ୩ ମାସ ପାଇଁ ବିନା ମୂଲ୍ୟରେ ଔଷଧ ଦିଆଯାଇଥିଲା। ଭବାନୀପୁର ଓ ପାଖ ଅଞ୍ଚଳରୁ ୪୯୫ ଜଣ ରୋଗୀ ନିଜର ପରୀକ୍ଷା କରିଥିଲେ। ଆଜିର ଶିବିରକୁ ଅଂଶୁମାନ ଟ୍ରଷ୍ଟର ସଦସ୍ୟଙ୍କ ସମେତ ହାଇଟେକ ମେଡିକାଲର କର୍ମଚାରୀ ପରିଚାଳନା କରିଥିଲେ।

## ସହକାରୀ ଆବାସ ପ୍ରଦ୍ୟୋଗ ଅଧ୍ୟକ୍ଷଙ୍କ ଦେହାନ୍ତ

**ବିଞ୍ଝାରପୁର, ୮।୧୨ (ସମିସ):** ବିଞ୍ଝାରପୁର ବ୍ଲକ ମାଁସଡା ପଞ୍ଚାୟତସ୍ଥ ସହକାରୀ ଆବାସ ପ୍ରଦ୍ୟୋଗର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର(୬୨)ଙ୍କ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ମିଶ୍ର ଜଣେ ମିଷ୍ଟଭାଷୀ, ପରୋପକାରୀ, ସହୃଦୟୀ ବ୍ୟକ୍ତି ଥିଲେ। ଏ ଖବର ଜଣାପଡ଼ିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୨ ମାସ ପୂର୍ବେ ସ୍ୱର୍ଗତ ମିଶ୍ର ଘର ଛାତରୁ ପଡ଼ି ମୁଣ୍ଡରେ ଆଘାତ ଲାଗିଥିଲା। କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶୁକ୍ରବାର ମୁଣ୍ଡରେ ଅଧିକ ଯନ୍ତ୍ରଣା ହେବାରୁ ପରିବାର ଲୋକ ପୁନର୍ବାର ତାଙ୍କୁ କଟକ ନେଇଥିଲେ। ମଙ୍ଗଳବାର ମୁଣ୍ଡରେ ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଗତ ମିଶ୍ରଙ୍କର ଆଜି ସକାଳେ ଦେହାନ୍ତ ହୋଇଯାଇଛି। ବିଧାୟିକା ପ୍ରମିଳା ମଲିକ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ବିଜୁ ଛାତ୍ର ଜନତା ସଭାପତି ଲେନିନ ଦାସଙ୍କ ସମେତ ବହୁ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ସ୍ମଶାନରେ ଶେଷକୃତ୍ୟ କରାଯାଇଛି। ପୁଅ ପ୍ରତୀକ ମିଶ୍ର ମୁଖାଗ୍ନି ଦେଇଛନ୍ତି।



## ନିର୍ଯାତନା ହେଲା ଅସହ୍ୟ ▶ ସ୍ୱାମୀ ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ




**ଦଶରଥପୁର, ୮।୧୨(ସମିସ):** ଦିନେ ଯେଉଁ ମଣିଷକୁ ସ୍ୱାମୀ ରୂପରେ ପାଇ ମହିଳା ଜଣଙ୍କ ଅନେକ ସ୍ୱପ୍ନ ଦେଖିଥିଲେ ଏବେ ସେହି ମଣିଷଟି ତାଙ୍କ ପାଇଁ ପାଲଟିଛି ଅଭିଯୁକ୍ତ। ସ୍ୱାମୀଙ୍କ ବିରୁଦ୍ଧରେ ଏଭଳି ସଂଗୀନ ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା। ଅଭିଯୋଗ ଅନୁସାରେ ଦଶରଥପୁର ଥାନା ହସନପୁର ଗ୍ରାମର ମୀନାରାଣୀ ରଣା (୨୨) ସେହି ଗ୍ରାମର ଫୁକୁନି ରଥଙ୍କ ପୁଅ ପ୍ରକାଶ ରଥଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରକାଶଙ୍କୁ ସ୍ୱାମୀ ରୂପରେ ପାଇ ତାଙ୍କ ସହ ସଂସାର କରିବାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ ମୀନାରାଣୀ। ମୀନାରାଣୀ ଘରୁ ପଳାଇ ନୋଟାରୀ ସତ୍ୟପାଠ ଓ ମନ୍ଦିରରେ ପ୍ରକାଶଙ୍କୁ ବିବାହ କରି ହସନପୁରସ୍ଥ ପ୍ରକାଶଙ୍କ ଘରେ ରହିଥିଲେ। କିଛି ଦିନର ଦାମ୍ପତ୍ୟ ଜୀବନ ହସଖୁସିରେ ବିତିବା ପରେ ଆରମ୍ଭ ହୋଇଥିଲା ସମସ୍ୟା। ପରେ ସ୍ୱାମୀ ପ୍ରକାଶ ମୀନାରାଣୀଙ୍କୁ ବାପଘରୁ ୫ ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ମୀନାରାଣୀ ସ୍ୱାମୀ ପ୍ରକାଶଙ୍କ ପ୍ରସ୍ତାବରେ ଅରାଜି ହେବା ପରେ ମୀନାରାଣୀଙ୍କ ଉପରେ ଆରମ୍ଭ ହୋଇଥିଲା ନିର୍ଯାତନା। ଶଶୁର ଫୁକୁନୀ ରଥ, ପିଉସୀ ଶାଶୂ ଜାଡ଼ି ରଥ ଓ ଦେଢ଼ ଶଶୁର ପ୍ରଦୀପ ରଥଙ୍କ ପ୍ରରୋଚନାରେ ସ୍ୱାମୀ ପ୍ରକାଶ ମୀନାରାଣୀଙ୍କୁ ମାଡ଼ ମାରୁଥିଲେ। ଶୁକ୍ରବାର ସନ୍ଧ୍ୟା ସମୟରେ ସ୍ୱାମୀ ପ୍ରକାଶ ମଦ ପିଇ ଘରେ ପହଞ୍ଚି ଆଜି ୫ ଲକ୍ଷ ଟଙ୍କା ନ ମିଳିଲେ ତୋ ଗଣ୍ଡିମୁଣ୍ଡ ଅଲଗା କରି ଦେବି ବୋଲି କହି ମୀନାରାଣୀଙ୍କୁ ମାଡ଼ ମାରି ଚାଲିଥିବାବେଳେ ମୀନାରାଣୀ କୌଶଳ କ୍ରମେ ଖସି ବାପଘରକୁ ଯାଉଥିଲେ। କିଛି ବାଟ ଆସିବା ପରେ ଗୋଡ଼ରେ ଆଘାତ ଲାଗି ଥିବାରୁ ଆଗକୁ ଯାଇ ନ ପାରି ରାସ୍ତାରେ ଯାଉଥିବା ଜଣେ ପରିଚୟ ବ୍ୟକ୍ତିଙ୍କୁ ସବୁ କଥା କହିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ସୂଚନା ପାଇଁ ମୀନାରାଣୀଙ୍କ ମାଆ ସେଠାରେ ପହଞ୍ଚି ମୀନାରାଣୀଙ୍କୁ ନେଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ରବିବାର ମୀନାରାଣୀ ଦଶରଥପୁର ଥାନାରେ ସ୍ୱାମୀ, ଶଶୁର, ପିଉସୀ ଶାଶୂ ଓ ଦେଢ଼ ଶଶୁରଙ୍କ ବିରୁଦ୍ଧରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ୟୁନିଫର୍ମ ବକେୟା ଅର୍ଥ ମିଳୁନି ▶ ବିଇଓଙ୍କ ଦ୍ୱାରସ୍ଥ ହେଲେ ମହିଳା

**ବିଞ୍ଝାରପୁର, ୮ । ୧୨(ସମିସ):** ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ବିଦ୍ୟାଳୟରେ ୨୦୨୩ - ୨୪ ଆର୍ଥିକ ବର୍ଷରେ ପୋଷକ ଦେଇ ବିଇଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା। ଅଭିଯୋଗ ଅନୁଯାୟୀ ୨୦୨୩ ମସିହା ମାର୍ଚ୍ଚ ମାସରେ ମା'ମନସା ଦେବୀ ଡ୍ରେସ୍ ହାଉସ୍ ପକ୍ଷରୁ ଆଖୁନ୍ ମହଲା ସଫର ଅଲ୍ଲୀ ୟୁପି ସ୍କୁଲ, ଅରେଇ ପ୍ରୋଜେକ୍ଟ ୟୁପି ସ୍କୁଲ, ନୀଳକଣ୍ଠ ୟୁପି ସ୍କୁଲ, ଜଇଁମରା, ସିଦ୍ଧେଶ୍ୱର ନୋଡାଲ ସ୍କୁଲ ମାଧପୁର ଏବଂ ବ୍ରଜ ସୁନ୍ଦର ସ୍କୁଲ, ସଇଦିପୁର ପ୍ରଭୃତି ସ୍କୁଲ୍କୁ ୟୁନିଫର୍ମ ମାଲିକ ଜୟନ୍ତୀ ସାହୁ ପ୍ରଦାନ କରିଥିଲେ। ଏହି ସ୍କୁଲ ମାନଙ୍କଠାରୁ ଜୟନ୍ତି ସାହୁ ଦୁଇ ଲକ୍ଷ ଅଠାବନ ହଜାର ଛଅ ଶହ ଟଙ୍କା ବକେୟା ଅର୍ଥ ପାଇବାର ରହିଛି। ଏ ନେଇ ବାରମ୍ବାର ସ୍କୁଲ ଶିକ୍ଷକ ଏବଂ ପରିଚାଳନା କମିଟିର ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଡ୍ରେସ ହାଉସ୍ ମାଲିକ ଶେଷରେ ଜିଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ସହ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ପ୍ରେମିକ ଗିରଫ

**ଜାରକା, ୮।୧୨(ସମିସ):** ଧର୍ମଶାଳା ଥାନା କାଏମା ପଞ୍ଚାୟତ ଗୋଗଲ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ପ୍ରେମିକ ମାରଧର କରିବା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ପୁଲିସ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଗଲ ଗ୍ରାମର ଜଣେ ମହିଳା ୨୦୧୬ରେ ସାହାସପୁର ଗ୍ରାମରେ ବିବାହ କରିଥିଲେ। ତାଙ୍କ ପରିବାର ଖୁସିରେ ଚାଲିଥିଲା। ତେବେ ମହିଳାଙ୍କ କଟକ ଜିଲ୍ଲା ଟାଙ୍ଗି ଅଞ୍ଚଳର ପୂର୍ବତନ ପ୍ରେମିକ ବବୁଲ ନାୟକ ହଠାତ ତାଙ୍କ ସ୍ୱାମୀଙ୍କୁ ନିଜର ପ୍ରେମ ସମ୍ପର୍କରେ ଅବଗତ କରିଥିଲା। ଏହା ଜାଣିବା ପରେ ମହିଳାଙ୍କ ସ୍ୱାମୀ ତାଙ୍କୁ ଘରୁ ବିଦା କରିଦେଇଥିଲେ। ପରେ ମହିଳା ପ୍ରେମିକ ଟାଙ୍ଗି ଅଞ୍ଚଳର ବବୁଲ ନାୟକ ପାଖରେ ରହିବା ସମୟରେ ପ୍ରେମିକ ବବୁଲ ତାକୁ ମାରଧର କରିଥିଲା। ସେଠାରେ ୧୩ ଦିନ ରହି ମହିଳା ବାପଘରକୁ ପଳାଇ ଆସିଥିଲେ। କିଛିଦିନ ତଳେ ବବୁଲ ମହିଳାଙ୍କ ଗ୍ରାମରେ ପହଞ୍ଚି ସାଙ୍ଗରେ ନେବାକୁ କହିଥିଲା। ଏଥିରେ ସେ ରାଜି ନ ହେବାରୁ ବବୁଲ ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପରିବାର ଲୋକେ ମହିଳାଙ୍କୁ ପ୍ରେମିକ କବଳରୁ ଉଦ୍ଧାର କରିବା ପରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ପୁଲିସ ୮୫୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବବୁଲକୁ ଆଜି ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଜମି ବିବାଦକୁ କେନ୍ଦ୍ର କରି ମାର୍‌ପିଟ, ଜଣେ ଗିରଫ

**ଜାରକା, ୮।୧୨(ସମିସ):** ଧର୍ମଶାଳା ଥାନା ବଡ଼କାଏମା ପଞ୍ଚାୟତ ଦାସସାହି ଗ୍ରାମରେ ଘରବାଡ଼ି ଜମି ବିବାଦକୁ କେନ୍ଦ୍ର କରି ମାର୍‌ପିଟ ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। କାଏମା ଦାସ ସାହିର ମଦନ ମଲିକଙ୍କ ଘରବାଡି ମାପଚୁପ ପାଇଁ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ଅପିଲ କରିଛନ୍ତି। ଏହାକୁ ଗ୍ରହଣ କରି ଉପଜିଲ୍ଲାପାଳ ଉକ୍ତ ଘରବାଡି ଜମିକୁ ମାପଚୁପ କରିବା ଲାଗି ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ପ୍ରତିପକ୍ଷ ପରି ମଲିକ ଓ ତାଙ୍କ ସହଯୋଗୀ ଶନିବାର ଉପରୋକ୍ତ ଜାଗାରେ ବାଡ ବସାଇଥିଲେ। ଏହାକୁ ମଦନ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରାଯାଇଥିଲା। ଏପରିକି ମଦନଙ୍କ ଝିଅକୁ ମଧ୍ୟ ମାଡ଼ ମାରିଥିଲେ। ଏ ନେଇ ମଦନ ଥାନାରେ ଅଭିଯୋଗ କରିଥିବାବେଳେ ପୁଲିସ ୮୫୫/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପରି ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

## ସ୍କୁଟିରୁ ପଡ଼ି ଜଣେ ଗୁରୁତର

**ଟମକା, ୮।୧୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଟମକା ପାର୍କ ପାଖରେ ଯାଜପୁରରୋଡ୍‌ରୁ କିଛି ପରିବାର ଭୋଜି କରିବାକୁ ଆସିଥିଲେ। ଅପରାହ୍ନ ପ୍ରାୟ ୨ ଘଟିକା ସମୟରେ ଜଣେ ବ୍ୟକ୍ତି ଟମକା ଛକକୁ କୌଣସି ଜିନିଷ ଆଣିବା ପାଇଁ ସ୍କୁଟି ଯୋଗେ ଯିବା ସମୟରେ ବୀଣାପାଣି କ୍ଲବ ଆଗ ପାଖ ହମ୍ପସରେ ଭାରସାମ୍ୟ ହରାଇ ପିଚୁ ରାସ୍ତାରେ ଛିଟିକି ପଡ଼ିବାରୁ ମୁଣ୍ଡର ପଛପାର୍ଶ୍ୱ ମାଡ ହେବା ଫଳରେ କାନରୁ ରକ୍ତ ବାହାରିବା ଯୋଗୁଁ ଗୁରୁତର ହୋଇଥିବାର ସୂଚନା ମିଳିଛି। ସ୍ଥାନୀୟ ଯୁବକଙ୍କ ସହାୟତାରେ ଟମକାରେ ଥିବା ଆମ୍ବୁଲାନ୍ସରେ ଦାନଗଦି ମେଡିକାଲକୁ ନେଇଯାଉଥିଲେ। ସେଠାରୁ ଡାକ୍ତର ରୋଗୀକୁ ଯାଜପୁର ଟାଉନକୁ ୧୦୮ ଯୋଗେ ପଠାଇଥିଲେ।

## ୧୩ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

**ଯାଜପୁର, ୮ ।୧୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଚଳିତ ଡିସେମ୍ବର ୧୩ ତାରିଖରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଓ ଜିଲ୍ଲା ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଯୁବ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାର ୧୫ରୁ ୨୯ ବର୍ଷୀୟ (୧୨ ଜାନୁୟାରୀ ୨୦୨୫ ସୁଦ୍ଧା) ଯୁବକ/ଯୁବତୀ ଅଂଶଗ୍ରହଣ କରିପାରିବେ। ଏହି ଉତ୍ସବରେ ଲୋକ ନୃତ୍ୟ, ଲୋକ ଗୀତ, କବିତା ଲିଖନ, ଗଳ୍ପ ଲିଖନ, ଚିତ୍ରାଙ୍କନ, ଔପଚାରିକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଡିସେମ୍ବର ୧୮ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ବର୍ଗରେ ଜିଲ୍ଲାର ଯୁବକ/ଯୁବତୀଙ୍କୁ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସଂସ୍କୃତି ବିଭାଗ ସହ ୮୨୪୯୭୮୮୨୦୧ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## କଂଗ୍ରେସ ପକ୍ଷରୁ ଚାରାରୋପଣ



**ଜାରକା, ୮।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମସ୍ଥ ଗୋବରେଶ୍ୱର ମନ୍ଦିର ପରିସରରେ କଂଗ୍ରେସ ଦଳ ପକ୍ଷରୁ ରବିବାର ପୂର୍ବାହ୍ନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କଂଗ୍ରେସ ନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ ମନ୍ଦିର ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସେହିପରି ୨ମାସ ହେବ ବିଭିନ୍ନ ମନ୍ଦିର ଓ ଖୋଲା ପଡ଼ିଆ ସ୍ଥାନରେ ଦଳ ପକ୍ଷରୁ ଚାରାରୋପଣ କରାଯାଉଛି ବୋଲି ଶ୍ରୀ ପଣ୍ଡା କହିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ଗଗନ ବିହାରୀ ରାଉତ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ପୃଷ୍ଟି, ରବିନାରାୟଣ ମହାପାତ୍ର, ଆଲୋକ ବହାଲିଆ, ରବୀନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

# ଧାନର ଅତିରିକ୍ତ ଇନ୍‌ପୁଟ୍ ସହାୟତା ପ୍ରଦାନର ଶୁଭାରମ୍ଭ

**ଯାଜପୁର, ୮ ।୧୨(ସମିସ)**



ଆଜି ପୂର୍ବାହ୍ନରେ ଯାଜପୁରର କୁସୁମା ସମ୍ମୁଖସ୍ଥ ପଡ଼ିଆରେ ଜିଲ୍ଲାସ୍ତରୀୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ, ଚଳିତ ବର୍ଷ ସରକାର ଚାଷୀଙ୍କଠାରୁ ଧାନ କ୍ରୟ ଉପରେ ବହୁତ ଫୋକସ କରୁଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ପ୍ରଦାନ କରିବେ। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବ। ସେମାନେ ଅଧିକ ଉତ୍ପାଦନ କରିବା ସହିତ ଅର୍ଥନୈତିକ କ୍ରିୟାଶୀଳତା ନିମନ୍ତେ ସହାୟକ ହୋଇପାରିବ। ଚାଷୀ କିଭଳି ମଣ୍ଡିରେ ହଇରାଣ ହେବେ ନାହିଁ ଓ ସେମାନଙ୍କଠାରୁ ଧାନ ଠିକ୍ ସମୟରେ କିଣାଯିବ, ଠିକ୍ ଦାମ୍ ମିଳିବ ସେଥିପ୍ରତି ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତି ମଣ୍ଡି ପାଇଁ ଜଣେ ଜଣେ ନୋଡାଲ ଅଧିକାରୀ ନିୟୋଜିତ ହୋଇଛନ୍ତି। ୩ରୁ ୪ଟି ମଣ୍ଡି ପାଇଁ ଜଣେ ଜଣେ ସୁପରଭାଇଜର ରହିବେ। ନୋଡାଲ ଅଧିକାରୀ ଓ ସୁପରଭାଇଜର ଧାନ କ୍ରୟ ପ୍ରକ୍ରିୟା ତଦାରଖ କରିବେ। ନୋଡାଲ ଅଧିକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଧାନ କ୍ରୟ ପ୍ରକ୍ରିୟାରେ କେବଳ ଯୋଗାଣ ଓ ସମବାୟ ବିଭାଗ ସହିତ ସମସ୍ତ ସରକାରୀ ବିଭାଗ ଅଧିକାରୀ ଓ କର୍ମଚାରୀ ସମ୍ପୃକ୍ତ ହେବେ। ବ୍ଲକ, ସବଡିଭିଜନ ଓ ଜିଲ୍ଲାସ୍ତରରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ସେଡ୍ ନିର୍ମାଣ, ଟଏଲେଟ୍ ଓ ପାନୀୟଜଳର ସୁବିଧା କରାଯିବ। ଏଫ୍ଏକ୍ୟୁ ଧାନର ମାନ ସମ୍ପର୍କରେ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହେବ ଓ ଚାଷୀ ମାନଙ୍କୁ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯିବ।

ଆଜି ମୁଖ୍ୟମନ୍ତ୍ରୀ ସୋହେଲାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିବା ସହିତ ଏଫ୍ଏକ୍ୟୁ ଧାନର ମାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଏଆରସିଏସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଯାଜପୁର ସାଂସଦଙ୍କ ପ୍ରତିନିଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

